





## ରାତିଅଧରେ ହୋ... ହା...

# ରାଜଧାନୀରେ ଜମିଲା ମଧ୍ୟରାତିର ମସ୍ତି

**ଭୁବନେଶ୍ୱର, ୩୧।୧୨(ସମିସ):**

ନୂଆ ଆଶା ଓ ଉନ୍ମାଦନାର ସହ ୨୦୨୪କୁ ସ୍ୱାଗତ କରିଛନ୍ତି ରାଜଧାନୀବାସୀ। ସରି ଯାଉଥିବା ବର୍ଷକୁ ମନଭରି ଉପଭୋଗ କରିବା ସହ ବିତି ଯାଉଥିବା ବର୍ଷର ଶେଷ ରାତିକୁ ମନଭରି ଉପଭୋଗ କରିଛନ୍ତି ସହରବାସୀ। ରାତି ଯେତେ ବଢୁଥିଲା ପାର୍ଟିର ଉନ୍ମାଦନା ସେତେ ଜମୁଥିଲା। ଆଉ ଯେତେବେଳେ ଘଣ୍ଟା କଣ୍ଟା, ମିନିଟ୍ କଣ୍ଟା ଓ ସେକେଣ୍ଡ କଣ୍ଟା ୧୨ ଉପରେ ପହଞ୍ଚିଲା, ସେତେବେଳେ ଆକାଶ ରଙ୍ଗୀନ ହୋଇଗଲା। ଆତସବାଜିରେ କମ୍ପିଲା ଚତୁଃପାର୍ଶ୍ୱ। ଯିଏ ଯାହାକୁ ଦେଖିଲା ତାକୁ ଆଲିଙ୍ଗନ କରି ନବବର୍ଷର ଅଭିନନ୍ଦନ ଜଣାଉଥିଲେ। କେହି କେହି ହାତକୁ ଗୋଲାପ ଫୁଲଟିଏ ବଢ଼ାଇ ଦେଇ କହୁଥିଲେ "ହାପି ନିଉ ଇୟର୍'। ଏହାଥିଲା ୨୦୨୪କୁ ରାଜଧାନୀରେ ସ୍ୱାଗତ କରିବାର ପ୍ରଥମ କିଛି ମୁହୂର୍ତ୍ତ।

ବିଦାୟ ନେଇଛି ୨୦୨୩। ପୁରୁଣା ବର୍ଷକୁ ଏମିତି ସହଜରେ ଛାଡ଼ିବା ମୋଡ୍‌ରେ ରାଜଧାନୀବାସୀ ନ ଥିଲେ। ସରି ଯାଉଥିବା ବର୍ଷ ଓ ଆସିବାକୁ ଥିବା ନୂଆବର୍ଷ ମଧ୍ୟରେ ଥିବା ପ୍ରତିଟି ମୁହୂର୍ତ୍ତ ଯେପରି ଜୀବନ କ୍ୟାଲେଣ୍ଡର୍‌ରେ ଲେଖି ହୋଇ ରହିବ ସେହି ମୁଡ୍‌ରେ ଥିଲେ ରାଜଧାନୀବାସୀ। ଏଥିପାଇଁ ମସ୍ତିର ସବୁ ପ୍ରକାରର ଖୋରାକ୍ ଯୋଗାଉଥିଲେ ରାଜଧାନୀର ବିଭିନ୍ନ ହୋଟେଲ ଓ କ୍ଲବ୍। ନୂଆବର୍ଷକୁ ସେଲିବ୍ରେସନ୍ କରିବା ପାଇଁ କେବଳ ହୋଟେଲ ଓ କ୍ଲବ୍‌ରେ ପ୍ରସ୍ତୁତି ହୋଇ ନ ଥିଲା। ବହୁ ହଷ୍ଟେଲ୍, କଲୋନୀ ଓ ବସ୍ତି ଓ ଗାଁରେ ମଧ୍ୟ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିଏ ନାଚି ଗୀତ ଗାଇ ନୂଆବର୍ଷକୁ ସ୍ୱାଗତ କରିଥିଲେ ତ କିଏ ନୃତ୍ୟରେ ଝୁମି ଝୁମି ନୂଆବର୍ଷର ପ୍ରଥମ କିଛି ମୁହୂର୍ତ୍ତର ମଜା ନେଇଥିଲେ। ଏସବୁ ଖୋରାକ୍ ଯୋଗାଇଥିଲା ବର୍ଷ ଶେଷ ରବିବାର। ସରକାରୀ ଓ ବେସରକାରୀ ସବୁ ସଂସ୍ଥାଗୁଡ଼ିକ ଛୁଟି ଥିବାରୁ ଘରେ ବାହାରେ ସବୁଠି ଉତ୍ସାହ ଉଦ୍ଦୀପନା ସାଉଁଟିବାରେ ବ୍ୟସ୍ତ ଥିଲେ ପିଲାଠୁ ବୟସ୍କ।

ପୁରୁଣା ବର୍ଷକୁ ବିଦାୟ ଦେବା ଓ ନୂଆବର୍ଷକୁ ପାଳନ କରି ସ୍ୱାଗତ କରିବା ପାଇଁ କ୍ଲବ, ହୋଟେଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜଧାନୀର ପ୍ରାୟ ସମସ୍ତ ତାରକା ହୋଟେଲରେ ନୂଆବର୍ଷ ପାଳନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ରିଅଲିଟି ସୋ'ର କଣ୍ଠଶିଳ୍ପୀ, ଦେଶୀ ଓ ବିଦେଶୀ ନୃତ୍ୟାଙ୍ଗନା ଆସିଥିଲେ ମନୋରଞ୍ଜନର ଖୋରାକ୍ ଯୋଗାଇବାକୁ। ଆଉ ତା' ସହିତ ମଡେଲ୍‌ଙ୍କ କ୍ୟାଟ୍ ୱାକ୍ ଓ ବେଲି ଡ୍ୟାନ୍ସ ସାଜିଥିଲା କାର୍ଯ୍ୟକ୍ରମର ଆକର୍ଷଣ। ଗ୍ରାହକଙ୍କ ଡିମାଣ୍ଡରେ ଗୀତ ଗାଉଥିଲେ ସେଲିବ୍ରିଟି କଣ୍ଠଶିଳ୍ପୀ। ଡ୍ୟାନ୍ସ ଫ୍ଲୋର୍‌ରେ କାହା ହାତରେ ସଫ୍ଟ ଡ୍ରିଙ୍କ୍ ଥିଲା ତ କାହା ହାତରେ ହାର୍ଡ ଆଉ ବିଅର୍। ସମସ୍ତେ ଗୀତର ଧୂନ୍‌ରେ ଝୁମୁଥିଲେ। ଆଉ ଜିରୋ ଆୱାରକୁ ପୂରା ମସ୍ତିରେ ସେଲିବ୍ରେଟ୍ କରିଥିଲେ। ଆଉ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫୁଲ ଦୋକାନଗୁଡ଼ିକରେ ଫୁଲ ତୋଡ଼ା ଓ ବୁକେ ପାଇଁ ଭିଡ଼ ଦେଖିବାକୁ ମିଳିଥିଲା।



### ତାରକା ହୋଟେଲରେ ନାଚଗୀତ

ରାଜଧାନୀର ପ୍ରାୟ ସମସ୍ତ ତାରକା ହୋଟେଲରେ ମିଡ୍‌ନାଇଟ୍ ସେଲିବ୍ରେସନ୍ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଚଟ୍‌ପଟା ଖାଦ୍ୟ ସାଙ୍ଗକୁ ସଫ୍ଟ ଡ୍ରିଙ୍କ୍‌ର ମଜା ଉଠାଇଥିଲେ ବଡ଼ବଡ଼ିଆ। ସେହିଭଳି ରାତ୍ରୀ ଭୋଜନ ମଧ୍ୟ ଉତ୍ସବକୁ ଆହୁରି ଉତ୍ସାହପ୍ରଦ କରି ଦେଇଥିଲା। ମନଖୁସିରେ ଆମିଷ, ନିରାମିଷ ବିଭିନ୍ନ ଖାଦ୍ୟର ମଜା ନେଇଥିଲେ ଯୁବକ ଯୁବତୀ। ଖାଦ୍ୟପେୟ ନାଚ ଗୀତ ସମସ୍ତଙ୍କୁ ମସଗୁଲ୍ କରି ରଖିଥିଲା।

### ବୋହିନେଲେ ୨କୋଟିର ଆମିଷ



ପୁରୁଣା ବର୍ଷର ଶେଷ ବାର ରବିବାର ପଡ଼ିଥିବାରୁ ଆମିଷ ରଙ୍କୁଣାମାନେ ଘରକୁ ଓ ବିଭିନ୍ନ ପର୍ଯ୍ୟଟନସ୍ଥଳକୁ କିଲୋ କିଲୋ ମାଛ, ଚିକେନ୍ ଓ ମଟନ ବୋହି ନେଇଥିଲେ। ରାଜଧାନୀ ଆମିଷ ବ୍ୟବସାୟୀ ସଂଘର ସୂଚନା ଅନୁସାରେ, ଆଜି ସର୍ବାଧିକ ୮୦ଲକ୍ଷ ଟଙ୍କାର ମଟନ ବିକ୍ରି ହୋଇଥିବାବେଳେ ୭୦ଲକ୍ଷ ଟଙ୍କାର ଚିକେନ୍ ଓ ୬୦ଲକ୍ଷ ଟଙ୍କାର ବିଭିନ୍ନ କିସମର ମାଛ ବିକ୍ରି ହୋଇଥିଲା। ରବିବାରରେ ନୂଆ ବର୍ଷକୁ ସ୍ୱାଗତ କରୁଥିବାରୁ ସକାଳ ୭ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜଧାନୀର ବିଭିନ୍ନ ଆମିଷ ବଜାରରେ ଖଚାଖଚ୍ ଭିଡ଼ ଦେଖିବାକୁ ମିଳିଥିଲା।

### ସ୍ୱାଗ୍ ସେ କରେଙ୍ଗେ ସବ୍‌କା ସ୍ୱାଗତ

ଷ୍ଟାର୍ ହୋଟେଲ୍‌ରେ ବିଭିନ୍ନ ରିଅଲିଟି ସୋ'ର କଣ୍ଠଶିଳ୍ପୀଙ୍କ ସମେତ ଦେଶୀ ଓ ବିଦେଶୀ ନୃତ୍ୟାଙ୍ଗନା ନେଇ ଆସିଥିଲେ ମନୋରଞ୍ଜନର ପସରା। ପୁଣି ମଡେଲଙ୍କ କ୍ୟାଟ୍ ୱାକ୍ ଓ ବେଲି ଡ୍ୟାନ୍ସ ସାଜିଥିଲା ଆକର୍ଷଣ। ଗ୍ରାହକଙ୍କ ଡିମାଣ୍ଡରେ ଗୀତ ଗାଉଥିଲେ ସେଲିବ୍ରିଟି କଣ୍ଠଶିଳ୍ପୀ। ଆଜି ପ୍ରାୟ ସମସ୍ତ ହୋଟେଲରେ 'ଝୁମେ ଜୋ ପଠାନ୍, ମେରେ ଜାନ୍...', ଇସ୍କ ସେ ଆଗେ କୁଛ୍ ନେହିଁ, କୁଛ୍ ନେହିଁ, ଇସ୍କ୍ ସେ ଉପର୍ କୁଛ୍ ନେହିଁ, କୁଛ୍ ନେହିଁ... ସ୍ୱାଗ୍ ସେ କରେଙ୍ଗେ ସବ୍‌କା ସ୍ୱାଗତ.... ଭଳି ଗୀତ ଦର୍ଶକଙ୍କୁ ନାଚିବାକୁ ଏକରକମ ବାଧ୍ୟ କରିଥିଲା।

## ସହରସାରା ପୁଲିସ ପଇଁତରା



ରାତି ୧୨ଟା ବାଜିବା ପରେ ସମସ୍ତେ ପରସ୍ପରକୁ ହ୍ୱାଟ୍ସଆପ୍‌ରେ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏକା ସମୟରେ ଏକାଧିକ ବନ୍ଧୁ ହ୍ୱାଟ୍ସଆପ୍ ମେସେଜ୍ କରୁଥିବାରୁ ଅନେକଙ୍କ ମୋବାଇଲ୍ ହ୍ୟାଙ୍ଗ ହୋଇଯାଇଥିଲା। ଛକ ଛକରେ ପୁଲିସର କଟକଣା ଥିବାରୁ ଅନେକ ସାଙ୍ଗମାନଙ୍କ ପାଖକୁ ଯାଇ ପାରିନଥିଲେ। କେବଳ ହ୍ୱାଟ୍ସଆପ୍ ମେସେଜ୍‌ରେ ଫୁଲ ପଠାଇ ଅଭିନନ୍ଦନ ଜଣାଇଥିଲେ। କେହି କେହି ନିଜର ବନ୍ଧୁମାନଙ୍କ ସହ ଭିଡ଼ିଓ କଲ୍ କରି ଅଭିନନ୍ଦନ ଜଣାଇଥିଲେ।

### ● ଧରାପଡ଼ିଲେ ୨ଶହ ମଦୁଆ

ଜିରୋ ନାଇଟ୍‌କୁ ନଜରରେ ରଖି ପୁଲିସ ସହରସାରା କଡ଼ା ପାଟ୍ରୋଲିଂ କରିବା ସହ ଛକ ଛକରେ ବ୍ଲକିଂ ଏବଂ ଚେକିଂ କରିଥିଲା। ତେଣୁ ଅନେକ ମଦୁଆ ପୁଲିସ ସହ ଯୁକ୍ତି କରି ଧରାପଡ଼ିଥିଲେ। ହେଲେ ରାଜଧାନୀରେ ଜିରୋ ନାଇଟ୍ ରାତିର ୨ଶହରୁ ଅଧିକ ମଦୁଆ ଧରାପଡ଼ିଛନ୍ତି। ଅନେକଙ୍କ ଠାରୁ ପୁଲିସ ଜରିମାନା ଆଦାୟ କରି ଛାଡ଼ି ଦେଇଥିଲା।







### ଥାନାରେ ରାତି କଟାଇଲେ ମଦୁଆ ଡ୍ରାଇଭର

ଅନେକ ବ୍ୟକ୍ତି ମଦ ପିଇ ରାତିରେ ଗାଡ଼ି ଚଲାଇଥିଲେ। ଅନେକ ମଦୁଆ ଗାଡ଼ି ଦ୍ରୁତଗତିରେ ଚଲାଉଥିଲେ। କିନ୍ତୁ ବିଭିନ୍ନ ସ୍ଥାନରେ ହୋଇଥିବା ବ୍ଲକିଂରେ ଧରାପଡ଼ିଥିଲେ। ତେଣୁ ସେମାନଙ୍କୁ ପୁଲିସ କାବୁ କରି ଥାନାରେ ଅଟକ ରଖିଥିଲେ। ଅନେକଙ୍କ ଗାଡି ମଧ୍ୟ ଥାନାରେ ଜବତ କରାଯାଇଥିଲା। ସେମାନଙ୍କ ଠାରୁ ଚାଲାଣ କଟାଯାଇ ଛଡ଼ାଯାଇଥିଲା। ବିଭିନ୍ନ ଛକରେ ଜଗିଥିବା ପୁଲିସ କର୍ମଚାରୀ କାର୍ ଏବଂ ବାଇକ୍ ଚାଳକଙ୍କ ପାଟିରେ ବ୍ରେଥ୍‌ଆନାଲାଇଜ୍ ଲଗାଇ ପୁଲିସ ମାପିଥିଲା।

### ସତର୍କ କଲା ପୁଲିସ ସାଇରନ୍

ପୁଲିସ ଜିରୋ ନାଇଟ୍ ସେଲିବ୍ରେସନ ଉପରେ କଟକଣା ଲଗାଇଥିଲା। ରବିବାର ଅପରାହ୍ନ ୪ଟା ପରେ ପୁଲିସର ଚଢ଼ଉ ଆରମ୍ଭ ହୋଇଥିଲା। ଯେଉଁମାନେ କଟକଣା ଭାଙ୍ଗୁଥିଲେ ପୁଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିଲା। ରାସ୍ତାରେ ପୁଲିସ ଭ୍ୟାନ୍ ପଇଁତରା ମାରିବା ସହ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରିଥିଲା।

### ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

ରାଜଧାନୀରେ ଯାଞ୍ଚ ପାଇଁ ସମସ୍ତ ଥାନା ଅଧିକାରୀଙ୍କ ଅଧୀନରେ ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ୪୪ ସ୍ଥାନରେ ନାକାବନ୍ଦୀ କରାଯାଇ ଯାଞ୍ଚ କରାଯାଇଥିଲା। ୧୦ଜଣ ଏସ୍‌ପି ଓ ୩ଜଣ ଅତିରିକ୍ତ ଡିସିପି ଏହାକୁ ମନିଟରିଂ କରୁଥିଲେ। ଡିସିପି ଏବଂ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ସହର ପୁଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯାଞ୍ଚ କରୁଥିଲେ।



## ସାରା ରାତି ଜମିଲା ଫୁଲ ବେପାର

**ଭୁବନେଶ୍ୱର,୩୧।୧୨(ସମିସ):** ନୂଆବର୍ଷରେ ଶୁଭେଚ୍ଛା ଜଣାଇବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ପୁରୁଣା ବର୍ଷକୁ ବିଦାୟ ଦେବା ଓ ନୂଆବର୍ଷକୁ ସ୍ୱାଗତ ପାଇଁ ସବୁଠି ପ୍ରସ୍ତୁତି ଜାରିରହିଛି। ଏମିତିକି ରବିବାର ସାରା ରାତି ରାଜଧାନୀର ବିଭିନ୍ନ ଫୁଲ ଦୋକାନ ଖୋଲା ରହିଥିଲା। ଫୁଲ ତୋଡ଼ା କିଣିବା ପାଇଁ ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା। ବିଶେଷକରି ଫୁଲ ଓ ମିଠା ଦୋକାନ ଆଦିରେ ବେଶୀ ଭିଡ଼ ପରିଲକ୍ଷିତ ହୋଇଥିଲା। ସେଥିପାଇଁ ପୂରା ରାଜଧାନୀ ଏବେ ଚଳଞ୍ଚଳ। ଦିନକ ଆଗରୁ ଲୋକ ବରାଦ ଦେଇଥିଲେ ବିଭିନ୍ନ ଫୁଲ ଦୋକାନରେ। ଲୋକଙ୍କ ଚାହିଦା ଅନୁଯାୟୀ ଫୁଲ ଦୋକାନୀମାନେ ମଧ୍ୟ ନିଦ ନିଦ ଦୋକାନରେ ବିଭିନ୍ନ ପ୍ରକାରର ଫୁଲ ସଜେଇଛନ୍ତି। ଏହି ଦିନରେ ଗୋଲାପ, ଲିଲିୟମ୍, ଅରକିଡର ଚାହିଦା ଅଧିକ ଦେଖିବାକୁ ମିଳିଥିଲା। ଫୁଲ ଦୋକାନୀଙ୍କ କହିବା ଅନୁଯାୟୀ ନୂଆବର୍ଷରେ ଲୋକ ବେଶୀ ନାଲି ଗୋଲାପ ଓ ଧଳା ରଙ୍ଗର ବିଭିନ୍ନ ଫୁଲ କିଣୁଥିବା ଦେଖିବାକୁ ମିଳିଥିଲା। ଯୁବ ପିଢ଼ିଙ୍କ ଠାରୁ ଆରମ୍ଭକରି ସବୁ ବର୍ଗର ଲୋକ ଫୁଲ ପାଇଁ ଦୁଇତିନି ଦିନ ଆଗରୁ ଅର୍ଡର ଦେଇଥିଲେ। ଗୋଟେ ଦିନ ଆଗରୁ ଫୁଲର ବିକ୍ରି ବହୁଳ ଭାବରେ ହେବାର ରାଜଧାନୀରେ ଦେଖିବାକୁ ମିଳିଛି। ଚାହିଦା ଅନୁଯାୟୀ ଫୁଲର ଦାମ୍ ଅଧିକ ଥିଲା। ବିଭିନ୍ନ ଅଫିସ, ବନ୍ଧୁ ବାନ୍ଧବଙ୍କୁ ଶୁଭେଚ୍ଛା ଜଣାଇବାର ଏକ ମାଧ୍ୟମ ଭାବରେ ଫୁଲ ତୋଡା ଦେଉଥିଲେ। ଏପରିକି ଗ୍ରାହକ ନିଜ ନିଜ ପସନ୍ଦ ଅନୁଯାୟୀ ଫୁଲ ତୋଡା ତିଆରି ପାଇଁ ବରାଦ ଦେଇଥିଲେ। ରାତି ପାହିଲେ ନୂଆବର୍ଷ ହୋଇଥିବାରୁ ରାଜଧାନୀର ବିଭିନ୍ନ ଫୁଲ ଦୋକାନରେ ଭିଡ ପରିଲକ୍ଷିତ ହୋଇଥିଲା।



ସକାଳ
THE SAKALA



# ଦଣ୍ଡବିଧାନରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର,୩୧।୧୨(ସମିସ):**

ଅପରାଧୀଙ୍କୁ ଯେପରି ଅଧିକରୁ ଅଧିକ ମାତ୍ରାରେ ଦଣ୍ଡ ମିଳିପାରିବ ସେଥିପାଇଁ ୨୦୨୩ ମସିହା ପ୍ରାରମ୍ଭରୁ ମିଶନମୋଡ୍‌ରେ କାମ ଆରମ୍ଭ କରିଥିଲା କମିସନରେଟ୍ ପୁଲିସ। ପୂର୍ବବର୍ଷଗୁଡ଼ିକରେ ଅପରାଧୀଙ୍କୁ ଦଣ୍ଡବିଧାନ ହାର ନିରାଶାଜନକ ଥିବାରୁ ଏହାକୁ ଆହ୍ୱାନରୂପେ ଗ୍ରହଣ କରିଥିଲେ କମିସନରେଟ୍ ପୁଲିସ ମୁଖିଆ। ଉଚ୍ଚକୋଟୀର ତଦନ୍ତ ସହ କମ୍‌ରୁ କମ୍ ସମୟରେ ଯେପରି ଚାର୍ଜସିଟ୍ ଦାଖଲ ହୋଇପାରିବ ପ୍ରତିଟି ଥାନାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି ହୋଇଥିଲା। ଯାହାର ଫଳ ସ୍ୱରୂପ ବିଦାୟୀ ବର୍ଷରେ ଦଣ୍ଡବିଧାନ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ଛୁଇଁଛି। ଭୁବନେଶ୍ୱରର ସହରାଞ୍ଚଳରେ ୮୧ଟି ମାମଲାରେ ଦଣ୍ଡବିଧାନ ହୋଇଛି।

ଭୁବନେଶ୍ୱର ସହରାଞ୍ଚଳରେ ୫ ହତ୍ୟା ଓ ଦୁଇଟି ନାବାଳିକା ଦୁଷ୍କର୍ମ (ପକ୍ସୋ) ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦୁଇଟି ହତ୍ୟାକାଣ୍ଡ ଘଟଣାରେ ସଜା ଚର୍ଚ୍ଚାରେ ରହିଛି। ୨୫ ବର୍ଷ ପରେ ଦୁଇଟି ଚର୍ଚ୍ଚିତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ଗୋଟିଏ ପତ୍ନୀହନ୍ତା ମାମଲାରେ ଗୁଣୁପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗୋଙ୍କୁ ଆଜୀବନ ସଜା ଶୁଣାଯାଇଛି। ଅନ୍ୟଟି ବରମୁଣ୍ଡାରେ ତ୍ରିପଲ ମର୍ଡର ଘଟଣାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଆଜୀବନ ସଜା ଶୁଣାଇଛନ୍ତି। ସେହିପରି ପ୍ରାୟ ୬୫ରୁ ଅଧିକ ମାମଲା ଡକାୟତି, ଚୋରି, ସିନ୍ଧିଚୋରି ଓ ସମ୍ପତ୍ତି ଲୁଟ୍ ସମ୍ବନ୍ଧୀୟ ଅପରାଧରେ ଜଡ଼ିତ ରହିଥିବା ଲୁଟେରାଙ୍କୁ ସଜା ଶୁଣାଯାଇଛି। ଏଥିରେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ ସହ ଅନେକ କୁଖ୍ୟାତ ଅପରାଧୀ ରହିଛନ୍ତି। ଏଥିସହିତ ନାବାଳିକା ଦୁଷ୍କର୍ମ ଓ ବଧୂହତ୍ୟା ଭଳି ମାମଲାରେ ବି ଦୋଷୀ ସାବ୍ୟସ୍ତ କରି ଅଭିଯୁକ୍ତଙ୍କୁ ସଜା ଶୁଣାଯାଇଛି।

ସୂଚନାଯୋଗ୍ୟ ଯେ, ୧୯୯୫ ମସିହାରେ ଏମ୍‌ଏଲ୍‌ଏ କଲୋନୀରେ ରାମମୂର୍ତ୍ତି ତାଙ୍କ ଗର୍ଭବତୀ ପତ୍ନୀ ଶଶୀରେଖାଙ୍କୁ ହତ୍ୟା କରିଥିଲେ। ଗର୍ଭବତୀ ପତ୍ନୀକୁ ହତ୍ୟା ମାମଲାରେ ଛନ୍ଦି ହୋଇଥିଲେ ପୂର୍ବତନ ଗୁଣୁପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗୋ। ଗାଧୁଆ ଘରୁ ଶଶୀରେଖାଙ୍କ ମୃତଦେହ ମିଳିବା ପରେ ଖାରବେଳ ନଗର ଥାନା ପୁଲିସ ହତ୍ୟା ମାମଲା ରୁଜୁକରି ରାମମୂର୍ତ୍ତିଙ୍କୁ ଗିରଫ କରିଥିଲା। ମାତ୍ର ପୁଲିସ ଉପରେ ଚାପ ପକାଇ ଜାମିନ୍‌ରେ ମୁକୁଳି ଯାଇଥିଲେ। ସେଇ ମାମଲା କୋର୍ଟରେ ବିଚାର ଚାଲିଥିଲା। ପ୍ରାୟ ୨୮ ବର୍ଷ ପରେ ପତ୍ନୀହନ୍ତା ମାମଲାରେ ରାମମୂର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ ସଜା ଶୁଣାଇଥିଲେ ଅଦାଲତ।

ସେହିପରି ୧୯୯୬ ମସିହାରେ ଖଣ୍ଡଗିରି ଥାନା ବରମୁଣ୍ଡାରେ ତ୍ରିପଲ ମର୍ଡର ଘଟଣା ଘଟିଥିଲା। ଏହି ଘଟଣାରେ କୋର୍ଟ ଶୁଣାଣି କରି ପ୍ରାୟ ୨୭ ବର୍ଷ ପରେ ରାୟ ପ୍ରକାଶ ପାଇବା ସହ ୩ ହତ୍ୟାକାରୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ହତ୍ୟାକାରୀ ବିଶ୍ୱଜିତ ଦାସ ଓରଫ ଜିତୁ, ଚିତ୍ତରଞ୍ଜନ ପାଢ଼ୀ ଓରଫ ଛୋଟୁ ଓ ରୁଦ୍ରନାରାୟଣ ସାହୁ ଓରଫ ରୁଦ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ସମୀର ପ୍ରଧାନଙ୍କ ପୂର୍ବରୁ ମୃତ୍ୟୁ ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବିଶ୍ୱଜିତ ନାୟକ, ଦିଲ୍ଲୀପ ରାୟ ଓ ଶାରଦା ରଥଙ୍କୁ ହତ୍ୟା କରାଯାଇଥିବା ପୁଲିସ ଜାଣିବାକୁ ପାଇଛି। ଏଥିସହ କ୍ୟାପିଟାଲ ଥାନା ଅଞ୍ଚଳର ପି.ସୁବ୍ରତ ରାଓ ଓରଫ ଚନ୍ଦୁକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ହତ୍ୟାକାରୀ କାହ୍ନା ନାୟକକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ କୋର୍ଟ।

ତମାଣ୍ଡୋ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ବିନୋଦ ଚନ୍ଦ୍ର ସାହୁ, ପବିତ୍ର ପଣ୍ଡାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅନୁରୂପ ଭାବେ ଜଟଣୀ ଥାନା ଅଞ୍ଚଳରେ ୧୪ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ରେଳ କର୍ମଚାରୀ ଶୁଭଙ୍କର ପଲଙ୍କୁ ୭ବର୍ଷ ସଜା ହୋଇଛି। ସେଭଳି ଖଣ୍ଡଗିରି ଥାନା ସିଜୁଆରେ ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ଗୁଳିମାଡ଼ କରି ତାଙ୍କ ପତ୍ନୀଙ୍କ ଠାରୁ ସୁନାଚେନ୍ ଲୁଟି ନେଇଥିଲେ। ଏହି ଘଟଣା ଅଶୋକ ବେହେରା ଓରଫ ନଣ୍ଡାକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି।

ଲୁଟେରାଙ୍କ ସାବାଡ଼ କରିବା ସହ ଦୋଷୀ ସାବ୍ୟସ୍ତକୁ ଗୁରୁତ୍ୱ ଦେଉଛି କମିସନରେଟ୍ ପୁଲିସ। ଆନ୍ତଃରାଜ୍ୟ ଇରାନୀ ଗ୍ୟାଙ୍ଗ, ବାୱରିୟା ଗ୍ୟାଙ୍ଗ, ଗାଡ଼ି କାଚଭାଙ୍ଗି ଲୁଟ୍ କରୁଥିବା ଗ୍ୟାଙ୍ଗ ୩ଟି ମାମଲାରେ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି। ସେହିପରି ସ୍ଥାନୀୟ ଅପରାଧୀ ସଞ୍ଜୟ ନିଶଙ୍କ, ଅଲି ଅଜମ, ଜିତେନ୍ଦ୍ର ବେହେରା, ରଞ୍ଜନ ପ୍ରଧାନ, ଚନ୍ଦନ ନାୟକ, ପ୍ରଶାନ୍ତ ଘଡ଼େଇ, ରବୀନ୍ଦ୍ର ବେହେରା, ନିରଞ୍ଜନ ନାୟକ, ସୀମାଞ୍ଚଳ ସୁବୁଦ୍ଧିଙ୍କୁ ମଧ ସଜା ହୋଇସାରିଛି। ଦଣ୍ଡବିଧାନ କରାଯାଇଥିବା କିଛି ମାମଲା ଚଳିତବର୍ଷ ହୋଇଥିବା ବେଳେ ଆଉ କିଛି ମାମଲା ବିଭିନ୍ନ ବର୍ଷରେ ପଞ୍ଜିକୃତ କରାଯାଇଥିଲା। ୨୦୨୨ ମସିହାରେ ତୁଳନାରେ ଚଳିତବର୍ଷ ଦଣ୍ଡବିଧାନ ହାର ୭୦୦ ପ୍ରତିଶତ ବୃଦ୍ଧି ହୋଇଛି। ଏହା କମିସନରେଟ୍ ପୁଲିସ ଇତିହାସରେ ସର୍ବକାଳୀନ ଦୋଷୀ ସାବ୍ୟସ୍ତ ହାର।

**ଭୁବନେଶ୍ୱରରେ ୮୧ ମାମଲାରେ ଦଣ୍ଡବିଧାନ**

**ଚର୍ଚ୍ଚାରେ ପୂର୍ବତନ ବିଧାୟକ ଓ ତ୍ରିପଲ ମର୍ଡର ସଜା**

**ଦଣ୍ଡବିଧାନ ହାର ବଢ଼ିଲା ୭ଶହ ପ୍ରତିଶତ**




## ନୋଡାଲ୍ ଅଧିକାରୀଙ୍କୁ ମିଳିଛି ନିଯୁକ୍ତି

ମାମଲାଗୁଡ଼ିକର ଦ୍ରୁତ ବିଚାର ପାଇଁ ତଦନ୍ତକାରୀ ଅଧିକାରୀ, ସରକାରୀ ଆଇନଜୀବୀ ଓ ସାକ୍ଷୀମାନଙ୍କ ସହ ସମନ୍ୱୟ ରକ୍ଷା କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ଏଥିରେ ତଦନ୍ତକାରୀ ଅଧିକାରୀଙ୍କ ଅନୁସନ୍ଧାନ ଦକ୍ଷତା ବୃଦ୍ଧି ଦିଗରେ ପ୍ରାଥମିକତା ରହିଛି। ଅଭିଯୁକ୍ତଙ୍କୁ ଗିରଫ କରିବା, ସଠିକ୍ ପ୍ରମାଣ ସଂଗ୍ରହ ଓ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ସୁନିଶ୍ଚିତ କରିବାକୁ ସେମାନଙ୍କୁ କୁହାଯାଇଛି। କୋର୍ଟର ଟ୍ରାଏଲ ଉପରେ ନଜର ରଖିବା, ଆବଶ୍ୟକ କାଗଜପତ୍ରଗୁଡ଼ିକର ବ୍ୟବସ୍ଥା କରିବା ଓ କୋର୍ଟରେ ସାକ୍ଷୀଙ୍କୁ ଠିକ୍ ସମୟରେ ଜମା କରିବା ଲାଗି ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ପୁଲିସର ବରିଷ୍ଠ ଅଧିକାରୀଙ୍କ ପୁଙ୍ଖାନୁପୁଙ୍ଖ ତଦାରଖ, ଅଭିଯୁକ୍ତଙ୍କ ବିରୋଧରେ ଫୋରେନ୍‌ସିକ ପ୍ରମାଣ ସଂଗ୍ରହ ଓ ସରକାରୀ ଆଇନ୍‌ଜୀବୀଙ୍କ ଉଦ୍ୟମରୁ ଦୋଷୀ ସାବ୍ୟସ୍ତ ହାର ବଢ଼ିଛି। ଦ୍ୱୈତନଗରୀରେ ଘଟୁଥିବା ସମ୍ପତ୍ତିଗତ ଓ ଅନ୍ୟ ଅପରାଧିକ ମାମଲାରେ ଏଭଳି ସଫଳ ତଦନ୍ତ ପ୍ରକ୍ରିୟାକୁ ଆହୁରି କ୍ରିୟାଶୀଳ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

---

### ରେଳ ଧାରଣାରୁ ମୃତଦେହ ଉଦ୍ଧାର ଘଟଣା

## 'ସକାଳ' ପଢ଼ି ଜାଣିଲେ ପରିବାର ଲୋକେ

**ଭୁବନେଶ୍ୱର, ୩୧।୧୨ (ସମିସ):** ବାପୁଜୀ ନଗର ଭେନସ୍ ରେସ୍ତୋରାଁ ପଛପାଖ ରେଳ ଧାରଣାରୁ ଉଦ୍ଧାର ହୋଇଥିବା ମୃତଦେହର ପରିଚୟ ମିଳିଛି। ମୃତକ ହେଲେ ଭାଗ୍ୟଧର ସାହୁ (୫୭)। ତାଙ୍କ ଘର ବାଲିଅନ୍ତା ଥାନା ବାଲକାଟିରେ। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ବାପୁଜୀ ନଗର ଭେନସ୍ ରେସ୍ତୋରାଁ ପଛପଟେ ଯାଇଥିବା ରେଳ ଧାରଣାରୁ ଭାଗ୍ୟଧରଙ୍କ ମୃତଦେହ ଉଦ୍ଧାର କରିଥିଲା ଜିଆରପି। ତାଙ୍କ ଗୋଡ଼ ଦୁଇଟି ଅଲଗା ହୋଇ ଯାଇଥିବା ବେଳେ ଶରୀର ମଧ ଅଣ୍ଟା ଠାରୁ ଅଲଗା ହୋଇଯାଇଥିଲା। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲା। ହେଲେ ତାଙ୍କ ପରିଚୟ ମିଳିନଥିବାରୁ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖା ଯାଇଥିଲା। ରେଳ ଧାରଣାରୁ ଅଜଣା ମୃତଦେହ ଉଦ୍ଧାର ହୋଇଥିବା ନେଇ ରବିବାର 'ସକାଳ' ରେ ଖବର ପ୍ରକାଶ ପାଇବା ପରେ ପରିବାର ଲୋକେ ଭାଗ୍ୟଧରଙ୍କୁ ଚିହ୍ନଟ କରିଥିଲେ। ପରିବାର ଲୋକେ ଜିଆରପି ଥାନାରେ ପହଞ୍ଚିବା ପରେ କ୍ୟାପିଟାଲ ଡାକ୍ତରଖାନା ଯାଇ ମୃତଦେହକୁ ଚିହ୍ନଟ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ରେଳ ଧାରଣାରୁ ଯୁବକ ମୃତଦେହ ଉଦ୍ଧାର



**ନନ୍ଦନକାନନ,୩୧।୧୨(ସମିସ):** ପଟିଆ ଲେବଲ କ୍ରସିଂ ନିକଟ କଳାରାହାଙ୍ଗ ପଟକୁ ମା' ଡାଳଖାଇ ବରଗଛ ସିଧାରେ ରେଳ ଧାରଣା ଉପରେ ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗାଡ଼କଣ ଓମ୍‌ସାଇ ବିହାରର ପ୍ରଭାତ ପ୍ରଧାନ ବୋଲି ଜଣାପଡ଼ିଛି। ସେ ଏକ କଳା ରଙ୍ଗର ସ୍ଲାକ୍ସ ପ୍ୟାଣ୍ଟ ଓ କଳା ଗଞ୍ଜିରେ ଧଳା ନାଲି ଚେକ୍ ଗଞ୍ଜି ପିନ୍ଧିଛନ୍ତି। ପାଖରେ ଏକ ଜରି ବ୍ୟାଗ ପଡ଼ିଥିଲା। ଯେଉଁଥିରେ ଲୁଗାପଟା କମ୍ବଳ ଆଦି ଓ ଏକ ଇନଟେକ୍ସ କମ୍ପାନୀର କି-ପ୍ୟାଡ଼ ଫୋନ ଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୫ଟା ସୁଦ୍ଧା ଭୁବନେଶ୍ୱର ପଟୁ କଟକ ଆଡ଼େ ସମ୍ପର୍କକ୍ରାନ୍ତି ଏକ୍ସପ୍ରେସରେ ଯାଉଥିବା ବେଳେ ଯୁବକ ଜଣକ ଗାଡ଼ି ଆଗକୁ ହଠାତ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ମୃତଦେହକୁ ପ୍ରଦୀପ ସେବା ଟ୍ରଷ୍ଟ ସହାୟତା ଉଦ୍ଧାର କରାଯାଇ କ୍ୟାପିଟାଲ୍ ହସ୍ପିଟାଲକୁ ଅଣାଯାଇଛି।

---

## ପୁରୁଣା ବର୍ଷରେ ଅବସର ନେଲେ ୫ ପୁଲିସ



**ଭୁବନେଶ୍ୱର, ୩୧।୧୨ (ସମିସ):** ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଥିବା ୫ଜଣ ପୁଲିସ କର୍ମଚାରୀ ରବିବାର ଅବସର ଗ୍ରହଣ କରିଛନ୍ତି। ଜଣେ ଇନ୍ସପେକ୍ଟର, ଜଣେ ଏଏସଆଇ, ଜଣେ ହାବିଲଦାର, ଜଣେ କନଷ୍ଟେବଲ ଓ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅବସର ନେଇଛନ୍ତି। ଭୁବନେଶ୍ୱର ରିଜର୍ଭ ଅଫିସରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ବିକ୍ରମ ମଣିଆ ୧୯୮୪ ମସିହାରେ ପୁଲିସ୍ ବିଭାଗରେ ଯୋଗଦାନ କରିବା ସହିତ ୨୦୦୩ ମସିହାରେ ପ୍ରଥମେ ଏସଆଇ ଭାବେ ଓ ପରେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇ ଏହି ବିଭାଗକୁ ଦୀର୍ଘ ୩୯ ବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ସୂଚାରୁ ରୂପେ ସେବା ପ୍ରଦାନ କରି ଆସିଛନ୍ତି। ସେହିପରି ଏଏସଆଇ ପ୍ରମୋଦ ଚନ୍ଦ୍ର ମହାନ୍ତି ୧୯୮୯ ମସିହାରେ ପୁଲିସ ବିଭାଗରେ ଯୋଗଦାନ କରିବା ସହିତ ୨୦୦୯ ମସିହାରେ ଏଏସଆଇ ପାହ୍ୟାକୁ ପଦୋନ୍ନତି ପାଇ ଦୀର୍ଘ ୩୪ ବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ପୁଲିସ ବିଭାଗ ଲାଗି ସେବା ଯୋଗାଇ ଆସିଛନ୍ତି। ଅବସର ନେବା ସମୟରେ ସେ ପାହାଲରେ କାର୍ଯ୍ୟରତ ଥିଲେ। ତମାଣ୍ଡୋ ଥାନାରେ କାର୍ଯ୍ୟରତ ଥିବା ହାବିଲଦାର ବିଜୟ କୁମାର ସେଠୀ ୧୯୮୫ ମସିହାରେ ପୁଲିସ ବିଭାଗରେ ଯୋଗଦାନ କରିଥିଲେ। ସେ ୨୦୦୯ ମସିହାରେ ହାବିଲଦାର ପଦବୀକୁ ପଦୋନ୍ନତି ପାଇବା ସହିତ ପୁଲିସ ବିଭାଗ ଲାଗି ଦୀର୍ଘ ୩୮ ବର୍ଷ କାଳ ନିରବଚ୍ଛିନ୍ନ ସେବ ପ୍ରଦାନ କରିଆସିଛନ୍ତି। ସେହିପରି କନଷ୍ଟେବଲ୍ ମୁରଲିଧର ବେହେରା ୧୯୮୩ ମସିହାରେ ପୁଲିସ ବିଭାଗରେ ଯୋଗଦାନ କରିଥିଲେ। ସେ ଦୀର୍ଘ ୪୦ ବର୍ଷ କାଳ ପୁଲିସ ବିଭାଗ ଲାଗି ନିଜ କର୍ତ୍ତବ୍ୟ ସମ୍ପାଦନ କରିଆସିଛନ୍ତି। ଅବସର ସମୟରେ ସେ ଭୁବନେଶ୍ୱରର ଡିଆଇବିରେ କାର୍ଯ୍ୟରତ ଥିଲେ। ସନାତନ ବେହେରା ୧୯୮୪ ମସିହାରେ ପୁଲିସ୍ ବିଭାଗର ହସ୍ପିଟାଲରେ ଜଣେ ୱାର୍ଡ ଆଟେଡାଣ୍ଟ ଭାବେ ଯୋଗଦାନ କରିବା ସହିତ ଏହି ବିଭାଗକୁ ଦୀର୍ଘ ୩୯ ବର୍ଷରୁ ଉର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ସେବା ଯୋଗାଇ ଆସିଛନ୍ତି । ଅବସର ନେବା ସମୟରେ ସେ ରିଜର୍ଭ ଅଫିସ ସ୍ଥିତ ପୁଲିସ ହସ୍ପିଟାଲରେ କାର୍ଯ୍ୟରତ ଥିଲେ ।

---

### ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ

**ଭୁବନେଶ୍ୱର,୩୧।୧୨(ସମିସ):** ଭୁବନେଶ୍ୱର ପାଣ୍ଡରାସ୍ଥିତ ହାଇଟେକ୍ ହସ୍ପିଟାଲରେ ଘଟିଥିବା ବିସ୍ଫୋରଣ ଘଟଣାରେ ଆଜି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବଅଙ୍ଗ ଅଞ୍ଚଳର ଦିଲ୍ଲୀପ ସାମନ୍ତରାୟ(୩୨)। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଏନେଇ ଏସିପି ଗୌତମ କିଶାନ ସୂଚନା ଦେଇଛନ୍ତି। ଗତ ୨ ଦିନ ତଳେ ହସ୍ପିଟାଲର ତୃତୀୟ ମହଲାରେ ଏକ ଏସିରେ ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ୪ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ମୃତକଙ୍କ ପରିଚୟ ମିଳି ପାରିନି। ଏଥିରେ ଆହତ ହୋଇଥିବା ଅନ୍ୟମାନେ ଚିକିତ୍ସିତ ଅଛନ୍ତି। ଆହତ ହୋଇଥିବା ସମସ୍ତେ ମେଡିକାଲ୍ କର୍ମଚାରୀ ବୋଲି ଜଣାଯାଇଛି।

---

## ସରକଣା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



**ବାଲିଅନ୍ତା,୩୧।୧୨(ସମିସ):** ବାଲିଅନ୍ତା ବ୍ଲକ୍ ଅଧୀନ ସରକଣା ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ମହାସମାରୋହରେ ବିଜୁ ଜନତା ଦଳର ବରିଷ୍ଠ ନେତା କମଳ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ଯୋଗେନ୍ଦ୍ରନାଥ ପଣ୍ଡା, ସମିତିସଭ୍ୟା ସଂଯୁକ୍ତା ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାସ, ଜିଲ୍ଲା ପରିଷଦ ସଭ୍ୟା କୁନୁମୁନ ଲେଙ୍କା, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବିଜୁ ଜନତା ଦଳର ମହିଳା ଉପସଭାପତି ରୀନା ରାଣୀ ଜେନା, ପୁରୋହିତପୁର ସରପଞ୍ଚ ଭଗବାନ୍ ବେହେରା, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ନାୟକ, ବିଜୁ ଜନତା ଦଳର ଛାତ୍ର ସଭାପତି ବ୍ରହ୍ମଲାଭ ମହାପାତ୍ର, ପୂରଣ ପ୍ରଧାନ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଆଗାମୀ ୨୦୨୪ ରେ ଜୟଦେବ ନିର୍ବାଚନ ମଣ୍ଡଳୀରେ କିପରି ଯୋଡ଼ି ଶଙ୍ଖ ବାଜିବ ଏବଂ ରଣ କୌଶଳ କରିବା ପାଇଁ ଏନେଇ ଶତାଧିକ ପୁରୁଷ ଓ ମହିଳା କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ତତ୍ ସହିତ ଏହି ପରିପ୍ରେକ୍ଷୀରେ ବିଭିନ୍ନ ଏସ୍‌ଏଚ୍‌ଜି ମହିଳା ସଂଗଠକ ଯୋଗ ଦେଇ ରାଜ୍ୟ ସରକାରଙ୍କ ଠାରୁ ପାଇଥିବା ବିଭିନ୍ନ ପ୍ରକାରର ସରକାରୀ ସହାୟତା ଉପରେ ଆଲୋକପାତ କରିଥିଲେ।

---

### ଅମାନିଆଙ୍କ ପାଇଁ ନୂଆ ଫର୍ମୁଲା

## ଅଳିଆଗଦା ଯେଉଁଠି; ଫୁଲଗଛ ଲାଗିବ ସେଇଠି

**ଭୁବନେଶ୍ୱର,୩୧।୧୨(ସମିସ):**

ପ୍ରଥମେ ସଚେତନତା,ପରେ ଜରିମାନା ଏହା ସତ୍ତ୍ୱେ ରାସ୍ତାରେ ଅଳିଆ ଫୋପଡ଼ା ଉପରେ ରୋକ୍ ଲାଗୁନାହିଁ। ଲୋକେ ରାସ୍ତାରେ ମନଇଚ୍ଛା ଅଳିଆ ଫୋପାଡୁଛନ୍ତି। ଯାହାକୁ ନେଇ ଚିନ୍ତାରେ ବିଏମ୍‌ସି। ଲୋକଙ୍କର ଏଭଳି କାର୍ଯ୍ୟକଳାପ

### ଜିଭିପିରେ ଚାରାରୋପଣ କରି ବିଏମ୍‌ସି କରିବ ସୌନ୍ଦର୍ଯ୍ୟକରଣ

ରୋକିବାକୁ କିଛିଦିନ ତଳେ ୬୭ଟି ୱାର୍ଡରେ ଥିବା ଜିଭିପି ପଏଣ୍ଟଗୁଡ଼ିକରେ ବିଏମ୍‌ସି ପୋଷ୍ଟର୍ ଲଗାଗଲା। ଜରିମାନା ଆଦାୟକୁ ଜୋର୍‌ଦାର କରିବାକୁ ବିଭିନ୍ନସ୍ଥାନରେ ବିଏମ୍‌ସିର ସାନିଟାରୀ ଇନ୍ସପେକ୍ଟର ଏବଂ ୱାର୍ଡ ଅଫିସରମାନେ ଉଲ୍ଲଙ୍ଘନକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି। ହେଲେ ଆମାନିଆମାନେ ରାତିଅଧିଆ ରାସ୍ତାରେ ଅଳିଆ ଫୋପାଡ଼ି ଚାଲି ଯାଉଛନ୍ତି। ଏଭଳି ଅମାନିଆଙ୍କୁ ରୋକିବାକୁ ବିଏମ୍‌ସି ନୂଆ ତରିକା ଆପଣାଇଛି। ତାହା ହେଲା ସବୁଠାରୁ ଅଧିକ ଅଳିଆ ଫୋପଡ଼ା ଯାଉଥିବା ସ୍ଥାନକୁ ଚାରାରୋପଣ କରି ଏତେ ସୁନ୍ଦର ଭାବେ ସଜାଇ ଦିଅ ଯେ, ଅଳିଆ ଫୋପାଡ଼ିଲା ବେଳେ ଅମାନିଆଁଙ୍କ ବିବେକ ବାଧା ଦେବେ। ଏଭଳିଭାବେ ବିବେକକୁ ବ୍ଲାକ୍‌ମେଲ୍ କରି ଅମାନିଆଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ ଆରମ୍ଭ କରିଛି ବିଏମ୍‌ସି। ଗୋଟିଏ ଦୁଇଟି ୱାର୍ଡରେ ଏଥିରୁ ସଫଳତା ମିଳିବା ପରେ ସମସ୍ତ ୱାର୍ଡରେ ଥିବା ଜିଭିପି (ଗାର୍ବେଜ ଭଲନରେବୁଲ୍ ପଏଣ୍ଟ)ରେ ଏହାକୁ ଲାଗୁକରିବାକୁ ଯୋଜନା କରାଯାଇଛି।





ମିଳିଥିବା ସୂଚନା ମୁତାବକ, ଗତବର୍ଷ ହଳଦୀପଡ଼ିଆସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ପାଚେରି କଡ଼ରେ ବସ୍ତିବାସିନ୍ଦାମାନେ ନିୟମିତ ଅଳିଆ ଫୋପାଡ଼ି ଏହାକୁ ମିନି ଅଳିଆଗଦା ବନାଇ ଦେଇଥିଲେ। ଯାହାକଲେ ମଧ ସୁଧାର ଆସୁ ନ ଥିଲା। ଏହାପରେ ଗୋଟିଏ ଦିନ ସ୍ଥାନୀୟ କର୍ପୋରେଟର ବିଏମ୍‌ସି କର୍ମଚାରୀଙ୍କ ସହ ଫୁଲକୁଣ୍ଡ ଧରି ସକାଳୁ ସକାଳୁ ଘଟଣାସ୍ଥଳରେ ପହଞ୍ଚିଗଲେ। ସେଠାରୁ ଅଳିଆ ହଟାଇ ଫୁଲକୁଣ୍ଡରେ ତୁଳସୀ ଗଛ ପୋତି ଚାଲିଗଲେ। ସେବେଠାରୁ ଏଠାରେ ଅଳିଆ ଫୋପାଡ଼ିବା ବନ୍ଦ ହୋଇଯାଇଛି। ଏଠାରେ ତୁଳସୀ ଗଛ ମରିଯାଇଥିଲେ ମଧ ଲୋକେ ଅଳିଆ ଫୋପାଡ଼ିବାରୁ ନିବୃତ ରହିଛନ୍ତି। ଚାରାରୋପଣ ଦ୍ୱାରା ରାସ୍ତାରେ ଅଳିଆ ଫୋପାଡ଼ିବା ରୋକିବାକୁ ଏହା ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଥିଲା। ସଫଳତା ମଧ ମିଳିଥିଲା। ହେଲେ ତଳସ୍ତରର ଅଧିକାରୀମାନେ ମନ ନ ଦେବାରୁ ଏଭଳି ପ୍ରୟାସ ଦ୍ରୁତଗତିରେ ଆଗକୁ ବଢ଼ିପାରିଲା ନାହିଁ। ତେବେ କିଛିଦିନ ହେବ ଅଧିକାଂଶ ୱାର୍ଡ ଏବଂ ଜିଭିପି ପଏଣ୍ଟରେ ଏଭଳି ଉପାୟରେ ରାସ୍ତାରେ ଅଳିଆ ଫୋପାଡ଼ିବା ରୋକିବାକୁ ପ୍ରୟାସ ଆରମ୍ଭ ହୋଇଛି।

ରବିବାର ୱାର୍ଡ ନମ୍ବର ୨୮ ସ୍ଥିତ ଜିଭିପି ପଏଣ୍ଟରୁ ଅଳିଆ ହଟାଯିବା ପରେ ଫୁଲ କୁଣ୍ଡ ଦ୍ୱାରା ଏକ ହାର୍ଟ ବନାଯାଇଥିଲା। ପରେ ଏଠାରେ ରଙ୍ଗବେରଙ୍ଗର ଫୁଲ ଗଛ ପୋତି ଦିଆଯାଇଥିଲା। ସେହିପରି ଗତ ଡିସେମ୍ବର ୧୭ରେ ୱାର୍ଡ ନମ୍ବର ୨୯ ସ୍ଥିତ ଏକ ଜିଭିପି ପଏଣ୍ଟରେ ସମାନ ପ୍ରୟାସ କରାଯାଇଥିଲା। ଏହାସହ ରାଜଧାନୀରେ ଚକେଇସିଆଣି, ନୂଆପଲ୍ଲୀ ବ୍ରିଟ୍‌କଲୋନୀ, ବାଣିବିହାର, ରସୁଲଗଡ଼ ସମେତ ଅନେକସ୍ଥାନରେ ଏଭଳି ଚାରାରୋପଣ କରାଯାଇଛି। ଆଗାମୀଦିନରେ ପ୍ରତ୍ୟେକ ୱାର୍ଡସ୍ତରରେ ଚାରାରୋପଣ କରି ଜିଭିପି ପଏଣ୍ଟଗୁଡ଼ିକୁ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଚାରା ମରିଗଲେ ପୁଣି ଅଳିଆଗଦା ପାଲଟୁଛି

ତେବେ ପୋତା ଯାଉଥିବା ଚାରାଗୁଡ଼ିର ରକ୍ଷଣାବେକ୍ଷଣ ଅଭାବ ହେଉଛି। ପାଣିବିନା ଚାରା ମରିଯାଉଛି। ଖାଲି ଫୁଲକଣ୍ଡ ଦିନଦିନ ଧରି ପଡ଼ି ରହିବାରୁ ଏଠାରେ ଲୋକେ ଅଳିଆ ଗଦାଇବା ଆରମ୍ଭ କରି ଦେଉଛନ୍ତି। ପୂର୍ବ ଅବସ୍ଥା ଯାହାଥିଲା ସେଇଆ ହୋଇଯାଉଛି। ଏଥିପ୍ରତି ବିଏମ୍‌ସି ଧ୍ୟାନ ଦେଉ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି

# ଧାଡ଼ି ଭାଙ୍ଗିଲେ ଟ୍ରକ୍ ଚାଳକ, ମାଲିକ ଉଭୟଙ୍କୁ ଦଣ୍ଡ

**ଜଗତସିଂହପୁର/ପାରାଦୀପ,୩୧।୧୨ (ସମିସ):** ୧ ତାରିଖରୁ ୭ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରାଯିବ। ପାରାଦୀପ ସ୍ୱତନ୍ତ୍ର ସର୍କିଟ ହାଉସରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ରାସ୍ତାରେ ଧାଡି ଭାଙ୍ଗି ଟ୍ରକ୍ ଚାଳକମାନେ ଲୋକଙ୍କୁ ଅତିଷ୍ଠ କରୁଛନ୍ତି। ଏଣୁ ଏହାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏଣିକି ଟ୍ରକ୍ ଚାଳକ ଯଦି ଧାଡି ଭାଙ୍ଗିବେ ତେବେ ଉଭୟ ଗାଡି ଚାଳକ ଓ ମାଲିକଙ୍କୁ ଦଣ୍ଡ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଏଥିରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଦିଗରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧ ତାରିଖ ଦିନ ଜିଲ୍ଲାପାଳ ପାରୁଲ ପଟୱାରୀ ତାଙ୍କ କାର୍ଯ୍ୟାଳୟ ନିକଟରେ ଏଲଇଡି ଡିସପ୍ଲେ ଥିବା ଏକ ସଚେତନତା ରଥକୁ ଉଦ୍‌ଘାଟନ କରିବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଛନ୍ତି। ସଚେତନତା ପୋଷ୍ଟର ଓ ହୋର୍ଡିଂ ଲଗାଯିବା ସହ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯିବ। ବସ୍, ଟ୍ରକ୍, ଡମ୍ଫର, ଅଟୋ ସଂଘ ସମୂହ ଓ ଅଟୋ ମୋବାଇଲ ଡିଲର ସଂଘ ସବୁ ବର୍ଗର ଲୋକଙ୍କୁ ନିଜ ନିଜ ସଙ୍ଗଠନ ମାଧ୍ୟମରେ ସଡକ ସୁରକ୍ଷା ନେଇ ସଚେତନ କରାଇବେ। ପରିବହନ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ରାତି ୩ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ କିଛି ସ୍ଥାନରେ ଟି ଷ୍ଟଲ ଖୋଲାଯାଇ ଡ୍ରାଇଭର ଓ ହେଲ୍ପରଙ୍କୁ ମାଗଣାରେ ଚା' ପିଇବାକୁ ଦିଆଯିବ। ପାରାଦୀପ ଓ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାପିତ ଏଲଇଡି ସ୍କ୍ରିନ ଜରିଆରେ ସଡକ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୁଲିସ, ଜିଲ୍ଲା ପ୍ରଶାସନ, ପରିବହନ ବିଭାଗର ଅଧିକାରୀଙ୍କ ସମେତ ପାରାଦୀପର ୩ ଟ୍ରକ୍ ମାଲିକ ସଂଘର ମୁଖ୍ୟ ସୁମନ୍ତ ବିଶ୍ୱାଳ, ଇଫ୍‌କୋର ବିକେ ପରିଡା, ପିପିଏଲର ଏକେ ଆଚାର୍ଯ୍ୟ, ପାରାଦୀପ ପରିବହନର ପ୍ରଶାନ୍ତ ଜେନା, ବସ୍ ମାଲିକ ସଂଘର ରଶ୍ମି ରଞ୍ଜନ ପରିଡା ଓ ପାରାଦୀପ ବନ୍ଦର ପକ୍ଷରୁ ଆଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ଜୁଆ ଖେଳ ଉପରେ ନକଲି ପୁଲିସର ଚଢ଼ଉ

**ଗରଦପୁର,୩୧।୧୨(ସମିସ)**

ନକଲି ପୁଲିସ ଚଢଉ କରୁଛି। ଅସଲି ପୁଲିସ ଶୋଇପଡୁଛି। ଏହିଭଳି ଏକ ଦୃଶ୍ୟ କୁଦାନଗରୀ ଥାନା ଅଧିନ ବାରୁଣୀ ବଜାରରେ ଦେଖିବାକୁ ମିଳିଛି। ଏହି ବଜାରରେ ଏବେ ଯାତ୍ରା ହେଉଛି। ଏହି ଯାତ୍ରାର ସୁଯୋଗ ନେଇ ଗତ ୪ ଦିନ ହେଲା ବେଧଡକଭାବେ ଜୁଆ ଖେଳ ହେଉଥିଲା। ଥାନା ପାଖରୁ ୩ ଶହ ମିଟର ଦୂରରେ ଏହି ଜୁଆଖେଳ ହେଉଥିଲେ ମଧ୍ୟ ପୁଲିସ ଚଢଉ କରି ନ ଥିଲା। ପୁଲିସ ଜାଣିଶୁଣି ଚୁପ୍ ବସିଥିଲା। ଶନିବାର ବିଳମ୍ବିତ ରାତିରେ ନିଜକୁ ସ୍ପେଶାଲ ସ୍କ୍ୱାଡ୍ ପରିଚୟ ଦେଇ ଜଣେ ମହିଳା ଆଉ ୨ ଜଣ ପୁରୁଷ ସେଠାରେ ଚଢଉ କରି ଜୁଆଖେଳ ବନ୍ଦ କରିଥିଲେ। ଜୁଆଖେଳକୁ ନେଇ ସ୍ଥାନୀୟ ପୁଲିସ ସହ ୩୫ ହଜାରରେ ଚୁକ୍ତି ହୋଇଥିଲା। ସେହି ଚୁକ୍ତି ଅନୁଯାୟୀ ସେମାନେ ଚଢଉ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ଶୁକ୍ରବାର ରାତିରେ ନିଜକୁ ପୁଲିସ କହି ଚଢଉ କରି ୧୫ ହଜାର ଲାଞ୍ଚ ନେଇ ପଳାଇଥିଲେ। ପୁଣିଥରେ ଶନିବାର ଚଢଉ କରି ଟଙ୍କା ମାଗିଥିଲେ; ହେଲେ ଜୁଆ ଖେଳ କରୁଥିବା ଯୁବକମାନେ ଟଙ୍କା ନ ଦେଇ ଚଢଉ ଟିମ୍‌କୁ ଘେରି ଯାଇଥିଲେ। ସେମାନଙ୍କ ଟିମରେ ଆସିଥିବା ମହିଳା ସଦସ୍ୟଙ୍କ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ସନ୍ଦେହ ହେବାରୁ କୁଦାନଗରୀ ଥାନାକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ତଦନ୍ତରୁ ସେମାନେ ନକଲି ପୁଲିସ ବୋଲି ଜାଣିବା ପରେ କାବୁ କରିଥିଲା। ତେବେ କିଏ ଅସଲି ଆଉ କିଏ ନକଲି ତାକୁ ନେଇ ଦୀର୍ଘ ସମୟ ଧରି ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ଦେଖି ଦର୍ଶକ ପଦାକୁ ଆସି ହୋ ହାଲ୍ଲା କରିବାରୁ ଯାତ୍ରା ଅଧାରୁ ବନ୍ଦ ହୋଇଯାଇଥିଲା।

- ଅସଲି-ନକଲିକୁ ନେଇ ଦ୍ୱନ୍ଦ
- ୨ ଗାଡ଼ି ଜବତ, ୩ ନକଲି ପୁଲିସ ଅଟକ
- ଚଢ଼ଉ ନ କରିବାକୁ ସ୍ଥାନୀୟ ପୁଲିସ ୩୫ ହଜାର ନେଇଛି

ନକଲି ଓ ଅସଲି ପୁଲିସ ମଧ୍ୟରେ ଛକାପଞ୍ଝା ପରେ କୁଦାନଗରୀ ପୁଲିସ ନକଲି ପୁଲିସର ଗାଡ଼ିକୁ ଜବତ କରିଛି। ଜବତ ଗାଡି କେନ୍ଦ୍ର ସରକାରଙ୍କ ଏକ ବିଭାଗର ବୋଲି ଜଣାପଡିଛି। ମହିଳା ଜଣଙ୍କ ଛତିଶଗଡ଼ ରେଳ ବିଭାଗରେ ଚାକିରି କରିଛନ୍ତି। ଏହି ଖବର ପାଇ ରାୟପୁର ଅଞ୍ଚଳର ଜଣେ ରେଳ କର୍ମଚାରୀ ଥାନାରେ ପହଞ୍ଚି ୭୦ ହଜାର ଟଙ୍କା ଦେଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ବେଳେ ରାତି ପାହି ଯାଇଥିଲା। ତେବେ ଯାତ୍ରା କମିଟିର ଜଣେ ସଭ୍ୟ ଏହି ଖବର ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଦେବା ପରେ ସବୁ ଓଲଟ ପାଲଟ ହୋଇଯାଇଥିଲା। ରାୟପୁରରୁ ଆସିଥିବା କର୍ମଚାରୀ ଜଣକ ଏହାପରେ କୁଆଡେ ଉଭାନ ହୋଇଯାଇଥିଲେ। କେତେକ ଥାନା କର୍ମଚାରୀ ମଧ୍ୟ ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରିଥଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଯିବାରୁ ଥାନାରେ ହେବାକୁ ଥିବା ମୂଲଚାଲ ମଧ୍ୟ ବନ୍ଦ ହୋଇଯାଇଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏହିଭଳି ଘଟଣା ଦେଖି ଥାନା ଅଧିକାରିଣୀ ଅଚାନକ ଫେରାର ହେବା ଅଧିକ ସନ୍ଦେହ ସୃଷ୍ଟି ହୋଇଛି। ନକଲି ପୁଲିସକୁ ଅଟକ ରଖିଥିଲେ ମଧ୍ୟ ଏବେ କୁଦାନଗରୀ ପୁଲିସର କାର୍ଯ୍ୟ ବା ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

# ତାଳଦଣ୍ଡାରୁ ବିଷ ପିଉଛନ୍ତି ପାରାଦୀପବାସୀ



**ପାରାଦୀପ,୩୧।୧୨(ସମିସ):** ପାରାଦୀପକୁ ଏବେ ରାଜ୍ୟର ଅର୍ଥନୈତିକ ମୁଖଶାଳା କୁହାଯାଉଛି। ବନ୍ଦରକୁ ଦୃଷ୍ଟିରେ ରଖି ଏଠାରେ ବହୁ କଳ କାରଖାନା ଗଢି ଉଠିଛି। କଳ କାରଖାନା ଉପରେ ନିର୍ଭର କରି ହଜାର ହଜାର ଲୋକ ବସତି ସ୍ଥାପନ କରିଛନ୍ତି; ହେଲେ ଏଠାରେ ଟିକେ ଶୁଦ୍ଧ ପାନୀୟ ଜଳ ପାଇବାକୁ ଲୋକେ ଉହଳ ବିକଳ ହେଉଛନ୍ତି। ବନ୍ଦର ବ୍ୟବସାୟରେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଲାଭ ମଧ୍ୟ କରୁଛି; ହେଲେ ବନ୍ଦରବାସୀ ଟୋପେ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବିଷ ବଳୟ ଭିତରେ ରହିଥିବା ସ୍ଥାନୀୟ ବାସିନ୍ଦା ଶୁଦ୍ଧ ଜଳ ଟୋପେ ପାଉ ନାହାଁନ୍ତି। ଏହା ଏଠାରେ ଚିନ୍ତାର କାରଣ ପାଲଟିଛି। ଯେଉଁ କେନାଲ ଦେଇ ଏହି ପାଣି ଆସୁଛି ସେହି ତାଳଦଣ୍ଡା କେନାଲର ନବୀକରଣ ହେଉଥିବାରୁ ବନ୍ଦରନଗରବାସୀ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଇଲାଗୁଣ୍ଡ, ଲୁହା ଗୁଣ୍ଡ, କାରଖାନା ଧୂଳି, ଧୂଆଁରେ ଅଣନିଃଶ୍ୱାସୀ ହୋଇ ପଡିଥିବା ପାରାଦୀପବାସୀ ସେମାନଙ୍କ ଅଜଣାତରେ ଜଳ ନାଁରେ ଜହର ପିଉଛନ୍ତି। ସେମାନେ ଯେଉଁ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି ତାହା ନିରାପଦ ନୁହେଁ। ଆଦୌ ପାନୀୟ ଉପଯୋଗୀ ନୁହେଁ ବୋଲି ଏବେ ଅଭିଯୋଗ ହୋଇଛି। କଟକର ଯୋବ୍ରା ଆନିକଟରୁ ବାହାରି ପରାଦୀପ ନିକଟରେ ମହାନଦୀରେ ମିଶିଥିବା ତାଳଦଣ୍ଡା କେନାଲ ପାଣିକୁ ପାରାଦୀପବାସୀ ବର୍ଷ ବର୍ଷ ଧରି ବ୍ୟବହାର କରିଆସୁଛନ୍ତି। ପାରାଦୀପ ବାଲିଝରା ନିକଟରେ ଥିବା ୱାଟର ରିଜର୍ଭର (ଜଳ ସଂରକ୍ଷଣ) ଥିବା ୱାଟର କେନ୍ଦ୍ର ଏବେ ନର୍ଦ୍ଦମା କୁଣ୍ଡ ପାଲଟିଛି। ୧୭୫ ଏକର ବିଶିଷ୍ଟ ଜଳାଶୟର କିଛି ଅଂଶ ଏବେ ପୋତି ହୋଇ ଗଲାଣି। ସବୁ କ୍ଷେତ୍ରରେ ପ୍ରଦୂଷଣରେ ଭରି ରହିଥିବା ପାରାଦୀପର ପାନୀୟ ଜଳ ବିଷାକ୍ତ ହୋଇ ପଡିଛି। ଅବର୍ଜନା, ଦଳ ପଚି ଗନ୍ଧରେ ଫାଟି ପଡୁଥିବା ଜଳ ସଂରକ୍ଷଣ କେନ୍ଦ୍ରରୁ ପାନୀୟ ଜଳ ଉତ୍ତୋଳନ କରାଯାଉଛି। ସେହି ପାଣିକୁ ଦୁଇଟି ପର୍ଯ୍ୟାୟରେ ବାଲିଝରା ବିଶୋଧନାଗାରରେ ବିଶୋଧନ କରାଯାଉଛି। ପରବର୍ତ୍ତୀ ସମୟରେ ଏହି ବିଶୋଧିତ ଜଳକୁ ଲୋକଙ୍କୁ ପାଇପ୍ ଜରିଆରେ ଯୋଗାଇ ଦିଆଯାଉଛି। ଏବେ ପାରାଦୀପବାସୀଙ୍କ ମୁଖ୍ୟ ସମସ୍ୟା ହୋଇ ଉଠିଛି ପାନୀୟ ଜଳ। ଏଠାରେ ମଧୁର ଜଳର ଅଭାବ ରହିଛି। ନଳକୂପ ଖୋଳିଲେ ସେଥିରୁ ଲବଣାକ୍ତ ପାଣି ବାହାରୁଛି। ଜଳ ଲବଣାକ୍ତ ଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇ ପଡିଛି। ତେଣୁ ଏଠାରେ ଗଢି ଉଠିଥିବା ଶିଳ୍ପ ସଂସ୍ଥା, ଜନବସତି, କାର୍ଯ୍ୟାଳୟ, କଲୋନୀ ମଧୁର ଜଳ (ପାନୀୟ ଜଳ) ପାଇଁ ଅନ୍ୟ ଉତ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପକ୍ଷରୁ ବାଲିଝରାଠାରେ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଇଛି।

ବାଲିଝରାସ୍ଥିତ ଜଳ ସଂରକ୍ଷଣ କେନ୍ଦ୍ରରୁ ଜଳ ଉତ୍ତୋଳନ କରାଯାଇ ସିଧା ସଳଖ ବିଶୋଧନାଗାରକୁ ପଠାଯାଉଛି; ମାତ୍ର ଯେଉଁ ସ୍ଥାନରୁ ଜଳ ସଂଗ୍ରହ କରାଯାଉଛି ତାହାର ଜଳ ପତନ କମ୍ ରହିଛି। ସେଠାରେ ଦଳ ଅବର୍ଜନା ବର୍ଷ ବର୍ଷ ଧରି ଜମା ହୋଇ ରହୁଛି। ଜଳ ଉତ୍ତୋଳନ ପରେ ଯେଉଁ ଅବର୍ଜନା ରହି ଯାଉଛି ତାହା ଜମି ରହିବା ଫଳରେ ଏହା କମ୍ପୋଷ୍ଟ ପାଲଟି ଯାଉଛି। ଫଳରେ ତାହା ପଚି ଯାଇ ସେଥିରୁ ଦୁର୍ଗନ୍ଧ ବାହାରୁଛି। ରିଜର୍ଭରରୁ ଉତ୍ତୋଳନ କରାଯାଉଥିବା ଜଳ ସହରର କୌଣସି ଏକ ପରିତ୍ୟକ୍ତ ନର୍ଦ୍ଦମାଠାରୁ କେଉଁ ଗୁଣରେ କମ୍ ନୁହେଁ ବୋଲି ଅନୁଭବ ହେଉଛି। ବିଭିନ୍ନ ଶିଳ୍ପ ସଂସ୍ଥାରୁ ନିର୍ଗତ ଡଷ୍ଟ ଏଠାରେ ବର୍ଷ ବର୍ଷ ଧରି ଜମା ହୋଇ ରହୁଛି। ବର୍ଷ ବର୍ଷ ଧରି ରିଜର୍ଭର ସଫା କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଏଠାରେ ଯେଉଁ ପ୍ରଣାଳୀରେ ଜଳ ବିଶୋଧନ କରାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ଯେଉଁ ଜାଗାରେ ଜଳ ବିଶୋଧନ କରାଯାଉଛି ତାହା ମଧ୍ୟ ବିପଜ୍ଜନକ। ସେଠାରେ ଜଳକୁ ଠିକ୍ ଢଙ୍ଗରେ ବିଶୋଧନ କରାଯାଉ ନାହିଁ।

ମିଳିଥିବା ସୂଚନା ମୁତାବକ ପାରାଦୀପରେ ପ୍ରାୟ ୫ ହଜାରରୁ ଅଧିକ ପରିବାର, ବିଭିନ୍ନ କମ୍ପାନୀର କାର୍ଯ୍ୟାଳୟ ଓ ବନ୍ଦର କାର୍ଯ୍ୟାଳୟ, ସମେତ ବିଭିନ୍ନ ଅଳକୁ ଜଳ ଯୋଗାଣ କରାଯାଉଛି। ପାରାଦୀପରେ ପ୍ରତିଦିନ ବଡ ବଡ ଶିଳ୍ପ ସଂସ୍ଥା ଗଢି ଉଠୁଛି। ମାତ୍ର ଏହି ସଂସ୍ଥାଗୁଡିକ ଜଳ ଯୋଗାଣ ବ୍ୟବସ୍ଥା କିଭଳି ଢଙ୍ଗରେ ହେବ, ଲୋକେ କିଭଳି ନିରାପଦ ପାନୀୟ ଜଳ ପାଇ ପାରିବେ ସେ ନେଇ ଚିନ୍ତା କରୁନାହାନ୍ତି। ତେବ ଜଳ ଉତ୍ତୋଳନ ହେଉଥିବା ସ୍ଥାନରେ ଏବେ ଜଳ ପତନ ହ୍ରାସ ପାଇଥିବାରୁ ଏଭଳି ଅବର୍ଜନା ଜମା ହୋଇଛି। ଏ ପ୍ରକାର ସମସ୍ୟା ସମାଧାନ ପାଇଁ କେହି ଚିନ୍ତା କରୁ ନାହାନ୍ତି। ୧୪୮ କୋଟି ଟଙ୍କା ବ୍ୟୟରେ ତାରପୁର ନିକଟରୁ ସିଧା ସଳଖ ମହାନଦୀକୁ ଜଳ ଉତ୍ତୋଳନ କରାଯିବା ନେଇ ରହିଥିବା ଯୋଜନା ଏବେ ଶୀତଳ ଭଣ୍ଡାରରେ ରହିଛି। ଏହି ଯୋଜନା କାର୍ଯ୍ୟ ଧୀରେ ଧୀରେ ମନ୍ଥର ହୋଇଯାଇଛି।

## ଜିଲ୍ଲା ପ୍ରତିଷ୍ଠା ଦିବସ ଆଜି

# ସମ୍ଭାବନାର ଜିଲ୍ଲା ଝାରସୁଗୁଡ଼ା

**ଝାରସୁଗୁଡ଼ା, ୩୧।୧୨(ସମିସ):** ଓଡ଼ିଶାର ଅନ୍ୟତମ ଶିଳ୍ପ ସମୃଦ୍ଧ ତଥା ରାଜ୍ୟକୁ ଅଧିକ ରାଜସ୍ୱ ଯୋଗାଉଥିବା ଝାରସୁଗୁଡ଼ା ଜିଲ୍ଲା ନବବର୍ଷ ଅବସରରେ ଆଜି ତା'ର ୩୧ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଅଛି। ୧୯୯୪ ମସିହାରେ ସମ୍ବଲପୁର ଜିଲ୍ଲାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବରେ ଝାରସୁଗୁଡ଼ା ଆତ୍ମପ୍ରକାଶ ପାଇଥିଲା। ଓଡ଼ିଶାର ମାନଚିତ୍ରରେ ଥିବା ଏହି ଛୋଟ ଜିଲ୍ଲାକୁ ପଶ୍ଚିମ ଓଡ଼ିଶା ଛଡ଼ା ଅନେକାଂଶ ଜିଲ୍ଲାରେ ଝାରସୁଗୁଡ଼ା ଏକ ଜିଲ୍ଲା ଅଛି ବୋଲି ଜାଣୁ ନ ଥିଲେ। ଅଥଚ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ସହିତ ରାଜ୍ୟର ପାୱାର ହାଉସ ବୋଲାଉଥିବା ଝାରସୁଗୁଡ଼ା ଜିଲ୍ଲାର ଭାଗିଦାରୀ ସର୍ବାଧିକ। ବିଗତ ୩୦ ବର୍ଷ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ନିଜକୁ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇଛି। ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ଇତିମଧ୍ୟରେ ଗଢ଼ି ଉଠିଛି। ଜିଲ୍ଲାର କୋଇଲା କେବଳ ଦେଶ ନୁହେଁ ବିଦେଶରେ ମଧ୍ୟ ଚାହିଦା ବଢ଼ିଛି।




ଅନେକ କଳକାରଖାନା ଏଠି ଗଢ଼ି ଉଠିଛି। ଦୀର୍ଘ ୬୫ବର୍ଷରୁ ନିଜ ହକ୍ ଅଧିକାରରୁ ବଞ୍ଚିତ ହୋଇଥିବା ହୀରାକୁଦ ବିସ୍ଥାପିତମାନଙ୍କୁ ରାଜ୍ୟ ସରକାର ଜମି ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାର ବିକାଶ ପାଇଁ ଅନେକ ବାଟ ଖୋଲିଛି। ଝାରସୁଗୁଡ଼ାରେ ହୋଇଛି ଲଜେଷ୍ଟିକ ପାର୍କ, ସ୍ୱାସ୍ଥ୍ୟ ସେବାରେ ହୋଇଛି ଅନେକ ବିକାଶ, ରୂପାନ୍ତରିତ ହୋଇଛି ଅନେକ ସ୍କୁଲ ଓ କଲେଜ। ବ୍ରଜରାଜନଗର ଚଣ୍ଡୀ ମନ୍ଦିର ରୂପାନ୍ତରିତ ହୋଇ ଭକ୍ତମାନଙ୍କୁ ଆକୃଷ୍ଟ କରିଛି।

# ବେଦବ୍ୟାସକୁ ଅନ୍ତର୍ଜାତୀୟ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ଦାବି

**ରାଉରକେଲା, ୩୧।୧୨(ସମିସ):** ପଶ୍ଚିମ ଓଡ଼ିଶାର ବିଶିଷ୍ଟ ଶୈବପୀଠ ବେଦବ୍ୟାସକୁ ଏକ ଅନ୍ତର୍ଜାତୀୟ ଧାର୍ମିକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀରେ ପରିଣତ ପାଇଁ ଥିଙ୍କର୍ସ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ୨୦୧୯ ପରଠାରୁ ରାଜ୍ୟ ସରକାର ଓଡ଼ିଶାର ସାଂସ୍କୃତିକ ବୈଭବକୁ ସଂରକ୍ଷିତ ତଥା ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ମଠମନ୍ଦିର, ଧାର୍ମିକସ୍ଥଳୀକୁ ପ୍ରାଥମିକତା ଦେଇ ବିକାଶ କରିଆସୁଛନ୍ତି। ଏହା ସ୍ୱାଗତଯୋଗ୍ୟ। ତେବେ ରାଉରକେଲାର ବେଦବ୍ୟାସ କ୍ଷେତ୍ର ବହୁପୁରାତନ ଐତିହାସିକ ଧାର୍ମିକ ଶୈବକ୍ଷେତ୍ର ଓ ଶଙ୍ଖ, କୋଏଲ ଓ ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳ। ପୂର୍ବ ଭାରତର ତ୍ରିବେଣୀ ଭାବେ ମଧ୍ୟ ଏହା ପ୍ରଖ୍ୟାତ। ତେଣୁ ଅସ୍ଥି ବିସର୍ଜନ ସହ ଅନେକ ଧାର୍ମିକ କାର୍ଯ୍ୟ ଏଠାରେ ସମ୍ପାଦନ କରାଯାଏ। ସରକାର ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଓଡ଼ିଶାର ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଖଣ୍ଡାଧାର ଜଳପ୍ରପାତକୁ ଇକୋ-ରିଟ୍ରିଟ୍‌ରେ ସାମିଲ କରି ଏହାର ବିକାଶ ମଧ୍ୟ କରୁଛନ୍ତି। ବେଦବ୍ୟାସର ଐତିହାସିକ ପୃଷ୍ଠଭୂମି, ଭୌଗୋଳିକ ସ୍ଥିତି, ଭିତ୍ତିଭୂମିକୁ ବିକାଶ କଲେ ଏହା ଜାତୀୟ କାହିଁକି ଏକ ଅନ୍ତର୍ଜାତୀୟ ଧାର୍ମିକ-ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳଭାବେ ଉଭା ହେବାପାଇଁ ସମସ୍ତ ଯୋଗ୍ୟତା ବହନ କରେ। ମନ୍ଦିର ଓ ତ୍ରିବେଣୀ ସଙ୍ଗମକୁ ବିକାଶ କରିବା ସହ ୧କି.ମି. ଉର୍ଦ୍ଧ୍ୱ କୋଏଲ-ବ୍ରାହ୍ମଣୀ ତଟର ବହୁମୁଖୀ ବିକାଶ ପର୍ଯ୍ୟଟନ ପାଇଁ ବିଶେଷ ସହାୟକ ହେବ ଯାହାକି ସାବରମତି ନର୍ମଦା ନଦୀତଟ, ସିଲ୍‌ଭାସା ତାପ୍ତି ନଦୀତଟ ଆଦି ସ୍ଥାନରେ କରାଯାଇଛି। ଏଠାରେ ଜାତୀୟ ଅନ୍ତର୍ଜାତୀୟ ସ୍ତରର ଆଧ୍ୟାତ୍ମିକ ଗବେଷଣାଗାର, ସଭାକକ୍ଷ, ସାମାଜିକ କାର୍ଯ୍ୟ ପାଇଁ ମଣ୍ଡପ ଗୃହ, ପ୍ରଦର୍ଶନୀ ସ୍ଥଳ, ଉଦ୍ୟାନ ତଥା ଅନ୍ୟ ଭିତ୍ତିଭୂମିର ବିକାଶ କରାଯାଇପାରିବ।

ଛେଣ୍ଡରୁ ମନ୍ଦିରକୁ ପୋଲ ମାଧ୍ୟମରେ ସଂଯୋଗ କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ରାଉରକେଲା-ଝାରସୁଗୁଡ଼ାରେ ବିମାନ ସେବା ସହ ବନ୍ଦେଭାରତ ଭଳି ଦ୍ରୁତଗାମୀ ଟ୍ରେନ୍ର ସୁବିଧା ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରିବ। ବେଦବ୍ୟାସକୁ ଯୋଜନାବଦ୍ଧ ଭାବେ ବିକାଶ କଲେ ଏହି ଐତିହାସିକ ଧାର୍ମିକ ସ୍ଥଳର ଐତିହ୍ୟ ସଂରକ୍ଷଣ ହେବା ସହ ପଶ୍ଚିମ ଓଡ଼ିଶାର ଅନ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ଏକ ଉନ୍ନତ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ଏହି ଅଞ୍ଚଳରେ ସୃଷ୍ଟି ହୋଇପାରିବ। ପର୍ଯ୍ୟଟନ କ୍ଷେତ୍ର ସର୍ବାଧିକ କର୍ମନିଯୁକ୍ତି ସୃଷ୍ଟି କରିପାରୁଥିବାରୁ ସ୍ଥାନୀୟ ଯୁବବର୍ଗ ଉପକୃତ ହେବା ସହ ଓଡ଼ିଶାର ଆର୍ଥିକ ପ୍ରଗତିରେ ମଧ୍ୟ ସହାୟକ ହେବ। ତେଣୁ ଏହାକୁ ଏକ ଅନ୍ତର୍ଜାତୀୟ ଧାର୍ମିକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ଥିଙ୍କର୍ସ ଫୋରମର ଆବାହକ ନଳିନୀକାନ୍ତ ଧର ସ୍ମାରକପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ଅର୍ଥମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ସାଂସଦ, ବିଧାୟକ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଘେଁସ ଜମିଦାର ମାଧୋ ସିଂଙ୍କ ବଳିଦାନ ଦିବସ ପାଳିତ

# 'ପାଠ୍ୟପୁସ୍ତକରେ ସ୍ଥାନ ପାଉ ବୀରତ୍ୱର ଗାଥା'




**ବରଗଡ଼, ୩୧।୧୨(ସମିସ):** ବରଗଡ଼ ବୀର ଛକ ଠାରେ ଜିଲ୍ଲା ପ୍ରଶାସନ ଓ ଶହୀଦ ସ୍ମୃତି କମିଟି ଦ୍ୱାରା ବୀର ମାଟି ଘେଁସର ବୀରପୁତ୍ର ଶହୀଦ ମାଧୋ ସିଂଙ୍କର ବଳିଦାନ ଦିବସ ତଥା ବୀରତା ଦିବସ ୨୦୨୩ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଗଣଦୌଡ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ବାହାରି ଲେଙ୍ଗୁ ମିଶ୍ର ଛକ ଓ ଗାନ୍ଧୀ ଛକ ଦେଇ ହଳଦୀପାଲି ସ୍ଥିତ ବୀରଛକ ପର୍ଯ୍ୟନ୍ତ ଯାଇଥିଲା। ପାଣ୍ଡବ କର୍ଣ୍ଣ ଶହୀଦ ମାଧୋ ସିଂ ଙ୍କ ବେଶ ରେ ସଜ୍ଜିତ ହୋଇ ଗଣଦୌଡରେ ସାମିଲ ହୋଇଥିଲେ। ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, , ଜିଲ୍ଲାପାଳ ମୋନିଷା ବାନାର୍ଜୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପି. ଏସ. ମିନା, ଶହୀଦ ସ୍ମୃତି କମିଟିର ସଭାପତି ପ୍ରମୋଦ ଝାଙ୍କର, ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ଶହୀଦ ସ୍ମୃତି କମିଟିର ଉପସଭାପତି ରବିନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ବୃନ୍ଦ ପ୍ରଥମେ ଶହୀଦ ସ୍ମୃତିସ୍ତମ୍ଭ ଏବଂ ସଂଗ୍ରାମୀ ମାଧୋ ସିଂ ଙ୍କ ଫଟୋରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବରଗଡ଼ ଜିଲ୍ଲା ଘେଁସ ଜମିଦାର ମାଧୋ ସିଂ ଓ ତାଙ୍କର ଚାରି ପୁତ୍ର ହଟେ ସିଂ, ଐରି, ସିଂ, ବୈରୀ ସିଂ, କୁଞ୍ଜଲ ସିଂଙ୍କ ସ୍ମୃତି ଚାରଣ କରି ମୁଖ୍ୟବକ୍ତା ଡ଼. ଜଗଦୀଶ ମିଶ୍ର ମାତୃଭୂମି ପାଇଁ ସଦା ସମର୍ପିତ ରହି ଦେଶର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ବୀର ମାଟି ଘେଁସ ତଥା ସମଗ୍ର ବରଗଡ଼ ଜିଲ୍ଲାର ଅବଦାନ ଓ ଗୋଟିଏ ପରିବାରର ସମସ୍ତେ ଶହୀଦ ହୋଇ ଥିବା ଏକ ବିରଳ ଦୃଷ୍ଟାନ୍ତ, ଏହା କେବଳ ବରଗଡ଼ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗୌରବର ବିଷୟ। ବୀର ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଭଲ ମଣିଷ ହେବା ପାଇଁ ଜିଲ୍ଲାପାଳ ବାନାର୍ଜୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

# କଣ୍ଟାବାଞ୍ଜି ରେଳଷ୍ଟେସନରେ ଦାଦନ ଶ୍ରମିକଙ୍କ ମୃତଦେହ

**ତୁରେକେଲା, ୩୧।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳଷ୍ଟେସନରେ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ରବିବାର ବିଶାଖାପାଟଣା-ନିଜାମୁଦ୍ଦିନ ଏକ୍ସପ୍ରେସ ଟ୍ରେନରୁ ଜଣେ ଦାଦନ ଶ୍ରମିକଙ୍କ ମୃତ ଦେହକୁ ଆଜି ଅପରାହ୍ନ ୩ଟାରେ କଣ୍ଟାବାଞ୍ଜି ରେଳଷ୍ଟେସନଠାରେ ଓହ୍ଲାଇବା ଦେଖିବାକୁ ମିଳିଥିଲା। ଜଣେ ବ୍ୟକ୍ତିର ମୃତଦେହ ଦେଖି କିଛି ଲୋକ ଜିଆରପିକୁ ଖବର ଦେବାରେ ସେମାନେ ଏହା ଆମ କାମ ନୁହେଁ, ଷ୍ଟେସନମାଷ୍ଟରଙ୍କୁ ଜଣାଅ ବୋଲି କହିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମୃତ ଦାଦନ ଶ୍ରମିକ ଜଣଙ୍କ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ କର୍ଲାମାଲ ଗ୍ରାମର ଗଜାନନ ଷାଣ୍ଡଙ୍କର। ସେ ଗତ କିଛି ମାସ ତଳେ ତାଙ୍କ ପରିବାର ସହ ବେଲପଡ଼ା ଅଞ୍ଚଳର ଏକ ଦାଦନ ସର୍ଦ୍ଦାରଙ୍କ ଠାରୁ ଅଗ୍ରୀମ ଟଙ୍କା ନେଇ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ। କିଛିଦିନ ତଳେ ସେଠାରେ ଥିବା ଇଟାଭାଟି ମାଲିକ ଗଜାନନଙ୍କୁ ମାଡ ମାରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କ ମାଲିକ ଜଣକ ଚିକିତ୍ସା ନ କରି ଟ୍ରେନରେ ବସାଇ ଦେଇଥିଲେ। ଫଳରେ ଟ୍ରେନରେ ତାଙ୍କର ମୃତ ଘଟିଥିବା କୁହାଯାଉଛି। ମୃତ ଶରୀରକୁ ଏକ ଦାଦନ ଦଲାଲ ଟ୍ରେନରେ ଆଣି କଣ୍ଟାବାଞ୍ଜି ରେଳଷ୍ଟେସନରେ ରଖି ଫେରାର ହୋଇଯାଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଜୁଆରମାଡ଼ରେ କ୍ଷୟ ହେଉଛି ବାଲିବନ୍ତ ଲୁଣା ଜଙ୍ଗଲ

**ଅସ୍ତରଙ୍ଗ, ୩୧।୧୨(ସମିସ)**



**ଜନବସତି ପ୍ରତି ମାଡ଼ିଆସୁଛି ବିପଦ**

ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରକୃତି କରାଳ ରୂପ ଧାରଣ କରୁଛି। ଗ୍ଲାସିୟର ତରଳୁ ଥିବାରୁ ସମୁଦ୍ର ପତନ ବଢୁଛି। ଉଚ୍ଚ ଜୁଆର କୂଳକୁ ମାଡିଆସି ଦେବୀ ମୁହାଣ ନିକଟସ୍ଥ ଲୁଣା ଜଙ୍ଗଲ ଧୋଇ ନେଉଛି। ଖାଲି ସେତିକି ନୁହେଁ; ମୁହାଁଣ ଏବଂ ନଦୀର ଗତିପଥ ମଧ୍ୟ ବଦଳୁଛି। ସାମୁଦ୍ରିକ ଜୁଆର ଦାଉରୁ ନଦୀବନ୍ଧର ସୁରକ୍ଷା ନିମନ୍ତେ ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ ଓ ପଥର ସ୍ପର ନିର୍ମାଣ କରାଗଲା। ଫଳରେ ନଦୀବନ୍ଧ ସିନା ସୁରକ୍ଷିତ ହୋଇଗଲା କିନ୍ତୁ ଲୁଣା ଜଙ୍ଗଲ ବାଲିବନ୍ତ କ୍ଷୟ ହେବାରେ ଲାଗିଛି। ଜୁଆର ଭଟ୍ଟା ସମୟରେ ସମୁଦ୍ର କୂଳ ଖାଉଥିବାରୁ ଦେବୀ ମୁହାଣରୁ କେଲୁଣି ମୁହାଣ ପର୍ଯ୍ୟନ୍ତ ସଂରକ୍ଷିତ ଜଙ୍ଗଲ ପ୍ରତି ଏବେ ଭୟଙ୍କର ବିପଦ ମାଡିଆସୁଛି। ସହନ ବିଟ୍ ହାଉସ୍ ଠାରୁ ଅଳ୍ପଦୂରରେ ଜୁଆର ମାଡରେ ଜଙ୍ଗଲ କ୍ଷୟ ହେଉଛି। ଜଙ୍ଗଲ ଭିତରକୁ ପ୍ରାୟ ୧୦ ମିଟର ପର୍ଯ୍ୟନ୍ତ ୩ରୁ ୪ଫୁଟର ପାଣି ମାଡି ଆସୁଛି। ପୂର୍ଣ୍ଣିମା, ଅମାବାସ୍ୟା ଜୁଆରରେ ପୂର୍ବ ଅପେକ୍ଷା ଏବେ ଜଳ ପତନ ବୃଦ୍ଧିପାଇବା ଏହାର ପ୍ରକୃତ କାରଣ ଅଟେ। ଜୁଆର ଭଟ୍ଟାର ପ୍ରଖର ସ୍ରୋତରେ ବାଲି ସହ ଗଛ ମୂଳରୁ ଉପୁଡି ସମୁଦ୍ରରେ ଲୀନ ହେଉଛି। ପ୍ରକୃତିର ଏହି ତାଣ୍ଡବ ଆଗରେ ସମସ୍ତେ ଅସହାୟ। ବିଗତ ଦୁଇ ତିନି ବର୍ଷ ମଧ୍ୟରେ ଦେବୀ ମୁହାଣ ସଂଲଗ୍ନ ଜଙ୍ଗଲ ଯେଉଁ ଅନୁପାତରେ କ୍ଷୟ ହେଉଛି ତାହା ଯଦି ଆଗକୁ ଜାରି ରୁହେ ତେବେ ପ୍ରକୃତିକୁ ସୁରକ୍ଷା ଦେଉଥିବା ଜଙ୍ଗଲ ଧ୍ୱଂସ ହୋଇଯିବ।

ଦେବୀର ଦକ୍ଷିଣ ପାର୍ଶ୍ୱରେ ଜୁଆର ପ୍ରଭାବରେ ପଡ଼ି ବିଭିନ୍ନ ସ୍ଥାନରେ ପୂର୍ବରୁ ଥିବା ହଜାର ହଜାର ଏକର ଚାଷଜମି ନଦୀ ଗର୍ଭରେ ହଜିଯିବାରୁ ବହୁଲୋକ ନିଜର ଭିଟାମାଟି ଛାଡି ଅନ୍ୟତ୍ର ରହୁଛନ୍ତି। ବିଶେଷ କରି ଦେବୀନାଶୀର ନୂଆଗଡ଼, ସହନ, ଦେବୀମୁହାଣ, କଣମଣ ଓ କେଉଟଜଙ୍ଗା ପ୍ରଭୃତି ଅଞ୍ଚଳ ଜୁଆରପାଣି ମାଡରେ କ୍ଷତିଗ୍ରସ୍ତ ହେଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସ୍ଥାନୀୟ ବାସିନ୍ଦା ଆହୁରି କହିଛନ୍ତି ଯଦି ସମୁଦ୍ର ଜୁଆର ଏହିପରି ମାଡିଆସେ ବ୍ୟବହାର କରେ ତାହାଲେ କେଉଁଠି ବି ନୂତନ ମୁହାଣ ଖୋଲି ପାରେ। ଏଠି ପ୍ରଶାସନର ସବୁ ପ୍ରୟାସ ପ୍ରକୃତି ଆଗରେ ହାର୍ ମାନୁଛି। ବେଳହୁଁ ସାବଧାନ ନହେଲେ ପ୍ରକୃତିର ଏହି ତାଣ୍ଡବ ଖାଲି ଉପକୂଳର ଜଙ୍ଗଲ ନୁହେଁ ବରଂ ନିକଟସ୍ଥ ଜନବସତି ଉପରକୁ ଭୟଙ୍କର ବିପଦ ମାଡି ଆସିବ ବୋଲି ପରିବେଶବିତ୍‌ମାନେ ଚେତାଇ ଦେଇଛନ୍ତି।



## ବିଦାୟୀ ବର୍ଷର ଅନ୍ତିମ ସୂର୍ଯ୍ୟାସ୍ତ



ଶାନ୍ତିସ୍ତୂପ ଧଉଳିର ଦୃଶ୍ୟ



ଭୁବନେଶ୍ୱର ହାଇଟେକ୍ ମେଡିକାଲ ଛକ

# ଲିଙ୍ଗରାଜ ମନ୍ଦିରରେ ନୂଆବର୍ଷରୁ ନୂଆ ନିୟମ



**ଭୁବନେଶ୍ୱର, ୩୧।୧୨(ସମିସ):**

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ଆସନ୍ତାକାଲି ଅର୍ଥାତ୍ ଇଂରାଜୀ ନବବର୍ଷ ୨୦୨୪ଠାରୁ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ମନ୍ଦିର ଭିତର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପ୍ଲାଷ୍ଟିକ୍, ପିଲିଥିନ୍, ଗୁଟ୍‌ଖା, ପାନ, ସିଗାରେଟ୍ ଭଳି ତମାଖୁ ଜାତୀୟ ପଦାର୍ଥ ନେବା ଉପରେ କଟକଣା ଲାଗୁ କରିବ ମନ୍ଦିର ପ୍ରଶାସନ। ଏହାସହ ଅବଢ଼ା ପ୍ରସ୍ତୁତିରେ ମଧ ସଂସ୍କାର ଆସିବ। ପୂର୍ବରୁ ବିଭିନ୍ନ କମ୍ପାନୀର ଘିଅରେ ଅବଢ଼ା ପ୍ରସ୍ତୁତ ହେଉଥିବାବେଳେ ଏବେ କେବଳ ଓମ୍‌ଫେଡ୍ ଘିଅରେ ହିଁ ମହାପ୍ରଭୁଙ୍କ ଭୋଗ ରନ୍ଧା ହେବ।

ଏକାମ୍ରକ୍ଷେତ୍ରର ଅଧିଷ୍ଠିତ ଦେବତା ଶ୍ରୀଲିଙ୍ଗରାଜଙ୍କ ମନ୍ଦିରକୁ ପ୍ରତିଦିନ ରାଜ୍ୟ ଭିତର ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟୁଛି। ଏହାରି ଭିତରେ କିଛି ହାତଗଣତି ଭକ୍ତ ମନ୍ଦିର ଭିତରେ ତମାଖୁ ଜାତୀୟ ପଦାର୍ଥ ବ୍ୟବହାର କରି ଛେପ

**ତମାଖୁ ଜାତୀୟ ଦ୍ରବ୍ୟ ଉପରେ କଟକଣା**

**ପଲିଥିନ୍ ବ୍ୟବହାର ଉପରେ ରୋକ**

**ଓମ୍‌ଫେଡ୍ ଘିଅରେ ପ୍ରସ୍ତୁତ ହେବ ଅବଢ଼ା**

ପକାଇ ମନ୍ଦିର ପରିବେଶକୁ ନଷ୍ଟ କରୁଛନ୍ତି। ସେହିଭଳି ମାଦକ ଦ୍ରବ୍ୟର ସେବନ କରି ମଧ ମନ୍ଦିର ପ୍ରବେଶ କରୁଛନ୍ତି। ଏହାସହ ମନ୍ଦିର ଭିତରକୁ ପଲିଥିନ୍ ଜରିରେ ଠାକୁରଙ୍କୁ ଲାଗି କରିବା ପାଇଁ କ୍ଷୀର ନେଇ ଯାଉଛନ୍ତି। ଏସବୁ ଦୃଶ୍ୟ ଆଧାମ୍ୱିକତା ପରିବେଶକୁ ନଷ୍ଟ କରିବା ସହ ସଂସ୍କୃତିପ୍ରେମୀଙ୍କ ମନରେ ଗଭୀର ରେଖାପାତ କରିଛି। ତେଣୁ ଏସବୁ ବାରଣ କରିବା ପାଇଁ କଠୋର ହୋଇଛି ମନ୍ଦିର ପ୍ରଶାସନ। ସେହିଭଳି ବଜାରରେ ବହୁତଗୁଡ଼ିଏ କମ୍ପାନୀର ଅପମିଶ୍ରିତ ଘିଅ ଉପଲବ୍ଧ ହେଉଛି। ଯେଉଁଥିରେ ଭୋଗ ପ୍ରସ୍ତୁତ କରିବା ଗ୍ରହଣୀୟ ନୁହେଁ। ତେଣୁ ଏ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମନ୍ଦିରରେ କେବଳ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଓମ୍‌ଫେଡ ଘିଅର ବ୍ୟବହାର କରାଯିବା ନେଇ ସେବାୟତ ଓ ମନ୍ଦିର ପ୍ରଶାସନର ସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

ଏ ସମ୍ପର୍କରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି କହିଛନ୍ତି, ମନ୍ଦିର ଭିତରେ ପାନ, ଗୁଟ୍‌ଖା ଓ ବିଭିନ୍ନ ନିଶା ସେବନ କରି ଯାଉଥିବା ଲୋକଙ୍କ ମନ୍ଦିରକୁ ବାରଣ କରାଯିବ। ସେହିଭଳି ମନ୍ଦିର ଭିତର ପରିବେଶରେ ସଦାସର୍ବଦା ସ୍ୱଚ୍ଛତା ବଜାୟ ରଖିବା ପାଇଁ ପଲିଥିନ୍ ଉପରେ କଟକଣା ଲାଗୁ କରାଯାଇଛି। ଏହାସହ ଭକ୍ତମାନେ ମନ୍ଦିର ଭିତରକୁ ପଲିଥିନ୍‌ରେ କ୍ଷୀର ନେଇ ଯିବା ପରିବର୍ତ୍ତେ ମାଟି ପାତ୍ର କିମ୍ବା ଅନ୍ୟ କୌଣସି ପାତ୍ରରେ ନେଇ ଯିବା ପାଇଁ ସେ ନିବେଦନ କରିଛନ୍ତି। ଏହାଦ୍ୱାରା ମନ୍ଦିର ପରିବେଶ ସଫା ରହିବା ସହ ଆମେ ମଧ ରୋଗମୁକ୍ତ ହୋଇପାରିବା ବୋଲି ସେ କହିଛନ୍ତି।

## ବୀରତା ଦିବସରେ ସହିଦଙ୍କୁ ମାଲ୍ୟାର୍ପଣ



**ଭୁବନେଶ୍ୱର,୩୧।୧୨(ସମିସ):** ଶହୀଦ ମାଧୋ ସିଂହଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ ଅବସରରେ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ଥାନୀୟ ଜୟଦେବ ଭବନରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଛି। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଜୟଦେବ ଭବନ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି,ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ସୁଶ୍ରୀ ସଂଗୀତା ମହାରଣା, ତନୁଜା ମହାନ୍ତି, ରୋଜାଲିନ ସାହୁ, ସରୋଜ ଶତପଥୀ ଉପସ୍ଥିତ ଥିଲେ। ସହିଦ ମାଧୋ ସିଂହଙ୍କ ତ୍ୟାଗ, ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଏଥିସହ ସହିଦଙ୍କ ଜନ୍ମସ୍ଥାନ ଘେଁସ, ବରଗଡ଼ ଠାରେ ମଧ ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ କରାଯାଇଛି। ବିଭିନ୍ନ ସଂଗଠନର ଅନୁରୋଧ କ୍ରମେ ଚଳିତ ବର୍ଷ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓ ବରଗଡ଼ ଜିଲ୍ଲା ପ୍ରଶାସନ ସହଯୋଗରେ ଏହା ଆୟୋଜିତ ହେଉଛି।

## ମା’ ଚାଲେଞ୍ଜର ୟଙ୍ଗ୍‌ଷ୍ଟାର ପ୍ରିମିୟର ଲିଗ ଚାମ୍ପିଅନ

**ବାଲିଅନ୍ତା/ଧଉଳି,୩୧।୧୨(ସମିସ):** ବାଳକାଟି ଭାର୍ଗବୀ ନଦୀ ପଠାରେ ଖେଳାଯାଇଥିବା ଷଷ୍ଠ ୟଙ୍ଗଷ୍ଟାର ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ଭାଗ ନେଇଥିଲେ।ଶେଷରେ ମା’ ଚାଲେଞ୍ଜର ଓ ସାଇ ଫାଇଟର ସହ ଫାଇନାଲ ଖେଳ ହୋଇଥିଲା। ଏଥିରେ ମା’ ଚାଲେଞ୍ଜର ଟସ ଜିତି ନିର୍ଦ୍ଧାରିତ ୫ ଓଭରରେ ବ୍ୟାଟ୍ସମ୍ୟାନ୍ ଜଗନ, ରଞ୍ଜନ, ସନ୍ତସ, ଚନ୍ଦୁ ଙ୍କ ଛକା ଓ ଚଉକା ବଳରେ ୯୨ ରନ କରିଥିଲା। ଜବାବରେ ପ୍ରତିପକ୍ଷ ଦଳ ସାଇ ଫାଇଟର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ମାତ୍ର ୩୦ ରନ କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍ ରେ ମା’ ଚାଲେଞ୍ଜରର ବୋଲର ସୁନିଲ୍ ୨ରନ୍ ଦେଇ ୩ଟି ଉଇକେଟ୍ ନେଇଥିଲେ। ଫଳରେ ଏହି ମ୍ୟାଚକୁ ମା’ ଚ୍ୟାଲେଞ୍ଜର ଜିତି ନେଇଥିଲା। ଚାମ୍ପିଅନ ଦଳ ଓ ପରାଜିତ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ସିନେ ପ୍ରଯୋଜକ ସତ୍ୟ ପ୍ରିୟ ବେହେରା, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ବିଜୁ ଯୁବ ସମ୍ପାଦକ ସୁକାନ୍ତ ମହାନ୍ତି, ପ୍ରହଲ୍ଲାଦ ସାହୁ, ଯୁବ ଇଞ୍ଜିନିଅର ଇଂ. ରୁଦ୍ର ପ୍ରସାଦ ଭଞ୍ଜ, ଯୁବସମାଜସେବୀ ନିହାର ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଖେଳ ପରିଚାଳନା ହାପା, ଦୁଃସା, ମୁନା, ବାବୁଲ, ଶ୍ରୀକାନ୍ତ, ମୁକେଶ କରିଥିବା ବେଳେ ୟଙ୍ଗଷ୍ଟାର କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



## ‘ଓଡ଼ିଆ ସଂସ୍କୃତିରେ କୃଷ୍ଣ ଗୀତ ପରମ୍ପରା’ ଆଲୋଚନା




**ଭୁବନେଶ୍ୱର, ୩୧।୧୨ (ସମିସ):** ‘ନବଗୁଞ୍ଜର ସଂସ୍କୃତି ମଞ୍ଚ’ ପକ୍ଷରୁ ‘ଓଡ଼ିଆ ସଂସ୍କୃତିରେ କୃଷ୍ଣ ଗୀତ ପରମ୍ପରା’ ବିଷୟରେ ଆଭାସୀ ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶବିଦେଶରୁ ଅନୁଭବୀ ସାହିତ୍ୟିକ, ଗବେଷକ, କଣ୍ଠଶିଳ୍ପୀ ପ୍ରମୁଖ ଯୋଗଦେଇ କୃଷ୍ଣ ଗୀତ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ଉମାକାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଦାଶ ବେନହୁର, ଗବେଷକ ଡ. ଶାନ୍ତନୁ ରଥ, କଣ୍ଠଶିଳ୍ପୀ ଡ. ସଂଗୀତା ଗୋସାଇଁ, ଜିତେନ୍ଦ୍ର ମହାନ୍ତି, ନିହାର ଶତପଥୀ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଲୋପାମୁଦ୍ରା ମହାନ୍ତି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରି କୃଷ୍ଣଙ୍କ ବାଲ୍ୟକାଳରୁ ଯୁବାବସ୍ଥା ପର୍ଯ୍ୟନ୍ତ ମା’ଙ୍କ ମମତାରୁ ଆଦୃତ ସଂଗୀତ ଉପରେ ଆଲୋଚନା ହୋଇଥିଲା।

## ‘ଜନମଙ୍ଗଳ ପାଇଁ ସାହିତ୍ୟର ସୃଷ୍ଟି’




**ଭୁବନେଶ୍ୱର,୩୧।୧୨(ସମିସ):** ଜନମଙ୍ଗଳ ପାଇଁ ସାହିତ୍ୟର ସୃଷ୍ଟି। କବିତାର ମୂର୍ଚ୍ଛନା, ସାହିତ୍ୟର ସର୍ଜନା ମାଧ୍ୟମରେ ଭାଷାର ସୁରକ୍ଷା ସମ୍ଭବ। ତେଣୁ ଗର୍ବ ଓ ଅହଂକାରଠାରୁ ଦୂରେଇ ରହି ସାହିତ୍ୟିକମାନେ ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନା କରିବା ଉଚିତ୍ ବୋଲି ‘ସ୍ମୃତିଲିପି’ର ଅଷ୍ଟବିଂଶତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ କୁମାର ଘଡ଼ାଇ କହିଛନ୍ତି। ବୁଦ୍ଧ ମନ୍ଦିର ପରିସରରେ ପୂର୍ବତଟ ରେଳପଥର ପୂର୍ବତନ ବରିଷ୍ଠ ଜନସମ୍ପର୍କ ଅଧିକାରୀ କବି ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ.ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଆଇନଜୀବୀ ଧରଣୀଧର ନାୟକ, ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଭଞ୍ଜସାହିତ୍ୟ ବିଶାରଦ ଡ. ମନମୋହନ ଆଚାର୍ଯ୍ୟ, ସ୍ମୃତିଲିପିର ସମ୍ପାଦକ ଭୁବନମୋହନ ମହାନ୍ତି, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ସାଂପ୍ରତିକ ସାହିତ୍ୟର ଗତି ଓ ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କୁ ‘ଆଇନଜୀବୀ ପ୍ରଫୁଲ ଧଳ ସ୍ମୃତିସମ୍ମାନ’ ପ୍ରଦାନ କରାଯାଇଥିଲା। ଏହାସହ ସାମ୍ବାଦିକ ହଳଧର ଧୀରଙ୍କୁ ଅବଦୁଲ ସତ୍ତାର ସ୍ମୃତି ସେବା ସମ୍ମାନ, ସ୍ମୃତି ସାନ୍ତ୍ୱନାର ସମ୍ପାଦକ ସବିତାରାଣୀ ବେହେରାଙ୍କୁ ରଜନୀ ମିଶ୍ର ସ୍ମୃତି ସମ୍ମାନ, କବି ଲବଙ୍ଗଲତା ପରିଡ଼ାଙ୍କୁ ରୀନା ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।ସେହିପରି ଡ. ମନମୋହନ ଆଚାର୍ଯ୍ୟଙ୍କୁ ସ୍ମୃତିଲିପି ପ୍ରତିଭା ସମ୍ମାନ, ଡ. ଅରୂପ କୁମାର ମିଶ୍ର, ଲେଖକ ନିରୋଦ ଚନ୍ଦ୍ର ଜେନା, ଲେଖିକା ଗୀତା ଦାସ, ସମାଜସେବୀ କୌଶଲ୍ୟା ବେଉରିଆ, କବି ସରୋଜିନୀ ମିଶ୍ର, ଲେଖକ ଇନ୍ଦ୍ରମଣି ମହାକୁଡ଼, ଶିକ୍ଷାବିତ୍ ରବିନାରାୟଣ ଦାସ, ଶିଶୁ ପ୍ରତିଭା ସ୍ୱର୍ଣ୍ଣ ଅର୍ପିତା, ମାଷ୍ଟର ଶ୍ରୀୟାଂଶ ପ୍ରଧାନ ପ୍ରମୁଖଙ୍କୁ ସ୍ମୃତିଲିପି ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ସାହିତ୍ୟିକା ସୁଚେତା ରାଉତଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜିଟାଲ୍ ଯୁଗରେ ଉପହାର ତାଲିକାରୁ ଡାଏରୀ ବାଦ୍

**୨୦୧୫ ପରଠାରୁ କମିଛି ଡାଏରୀ, କ୍ୟାଲେଣ୍ଡର୍ ବିକ୍ରି**

**ଭୁବନେଶ୍ୱର,୩୧।୧୨(ସମିସ):**

ନୂଆବର୍ଷ ଆସିଲେ ସମସ୍ତଙ୍କ ମନ ଆନନ୍ଦ ଉତ୍ସାହରେ ଭରିଯାଏ। ଭିନ୍ନ ଭିନ୍ନ ଉପାୟରେ ପାଳନ କରନ୍ତି ନୂଆ ବର୍ଷ। ନୂଆବର୍ଷ ଅବସରରେ କିଏ କାହାକୁ ଫୁଲ ଦେଇ ଅଭିନନ୍ଦନ ଜଣାଏ ତ କିଏ ଗ୍ରିଟିଙ୍ଗସ୍ କାର୍ଡ ଦେଇଥାଏ। ସେହିପରି ପୂର୍ବରୁ ନୂଆବର୍ଷର କ୍ୟାଲେଣ୍ଡର ଓ ଡାଏରୀ ଦେଇ ଅନେକ ଅଭିନନ୍ଦନ ଜଣାଇବାକୁ ପସନ୍ଦ କରୁଥିଲେ। କେବଳ ଯେ ଡାଏରୀ ଦେବା ତାହା ନୁହଁ ବରଂ ଡାଏରୀ ଦେବା ବାହାନାରେ ସାକ୍ଷାତକାର କରି ଭାବର ଆଦାନ ପ୍ରଦାନ କରିବା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତେଣୁ ଏହି ଦିନ ଆସିଲେ ଲୋକ ବିଭିନ୍ନ ବହି ଦୋକାନକୁ ଯାଇ ଡାଏରୀ ଓ କ୍ୟାଲେଣ୍ଡର ବରାଦ ଦେଇ ଆସନ୍ତି। ହେଲେ ସମୟ ସ୍ରୋତରେ ଏ ସବୁ କୁଆଡ଼େ ହଜିବାକୁ ବସିଲାଣି। ଡିଜିଟାଲ ଯୁଗରେ ଲୋକ ଡାଏରୀ ଏବଂ କ୍ୟାଲେଣ୍ଡରକୁ ଆଉ କାଁ ଭାଁ ଖୋଜୁଥିବାର ଦେଖିବାକୁ ମିଳୁଛି।

ଏ ନେଇ ଡାଏରୀ ଓ କ୍ୟାଲେଣ୍ଡରର ଚାହିଦା ଏବେ କେତେ ରହୁଛି ପ୍ରଶ୍ନର ଉତ୍ତର ଦେଇ ବ୍ୟବସାୟୀ ନିରାକାର ସାହୁ କୁହନ୍ତି, ଆଗ ସମୟରେ କ୍ୟାଲେଣ୍ଡର ଓ ଡାଏରୀ ନୂଆବର୍ଷର ସପ୍ତାହେ ଆଗରୁ ବିକ୍ରି ହୋଇଯାଉଥିଲା। ଗିଫ୍ଟ ଆକାରରେ ଦେବା ପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ବିଭିନ୍ନ ଅଫିସ୍ ପାଇଁ ବି ଅର୍ଡର ତାଙ୍କ ପାଖକୁ ଆସେ। ପୂର୍ବରୁ ଅର୍ଡର ନ ଦେଲେ ଠିକ୍ ସମୟରେ ମିଳିବାରେ ସମସ୍ୟା ହୋଇଥାଏ। କେବଳ ସାଧାରଣ ଲୋକ ନୁହଁନ୍ତି, ବରଂ ବିଭିନ୍ନ ଅଫିସ୍, ସାମାଜିକ ଅନୁଷ୍ଠାନରେ ମଧ ନୂଆବର୍ଷରେ କ୍ୟାଲେଣ୍ଡର ଦିଆଯାଇଥାଏ। ଯୁବ ପିଢ଼ି ମଧ ନିଜ ଶିକ୍ଷକଙ୍କୁ ନୂଆବର୍ଷର ଶୁଭେଚ୍ଛା ଦେବା ପାଇଁ କିଣିଥାନ୍ତି। ହେଲେ ୨୦୧୫ ମସିହା ପରଠାରୁ ଏଥିରେ ବଡ଼ ଧରଣର ପରିବର୍ତ୍ତନ ଆସିଲାଣି। ଡିଜିଟାଲ୍ ମାଧ୍ୟମର ବହୁଳ ବ୍ୟବହାର କେବଳ ବ୍ୟବସାୟରେ ପ୍ରଭାବ ପକାଇଛି ତାହା ନୁହେଁ, ବରଂ ଭାବର ଯେଉଁ ଆଦାନ ପ୍ରଦାନ ଏହି ମାଧ୍ୟମରେ ହେଉଥିଲା ତାହା ମଧ ଆଉ ଦେଖିବାକୁ ମିଳୁନି। ନୂଆବର୍ଷରେ ଗୋଟିଏ ମେସେଜ୍ କି କଲରେ ସବୁ ସୀମିତ ରହିଯାଉଛି। ସେ ବି କୋଉ କାଁ ଭାଁ। ଅନ୍ୟ ଏକ କାରଣ ଯେ ଲୋକ ଡାଏରୀ ଲେଖା ପ୍ରତି ଆଗ୍ରହପ୍ରକାଶ କରୁନାହାନ୍ତି। କ୍ୟାଲେଣ୍ଡର ଲୋକ ମୋବାଇଲ ଫୋନ୍‌ରେ ପାଇଯାଉଛନ୍ତି। ତେଣୁ ଏ ସବୁ ଆଉ କିଣିବାକୁ ଆଗ୍ରହ କରୁନାହାନ୍ତି। ଏହାର ସିଧାସଳଖ ପ୍ରଭାବ ବେପାରରେ ପଡ଼ିବାରୁ ବେପାର ମାନ୍ଦା ଚାଲୁଛି ବୋଲି ସେ କୁହନ୍ତି।




**ଲୋକଙ୍କ ମତ**

ଆମ ସମୟରେ ନୂଆବର୍ଷ ଆସିଲେ ଘରକୁ କ୍ୟାଲେଣ୍ଡର ଆଉ ଡାଏରୀ ଆସୁଥିଲା। କେବଳ ସେ ତ ବାହାନା ଥିଲା। ସାକ୍ଷାତକାରରେ ପ୍ରକୃତ ଭାବର ଦିଆନିଆ ଓ ଶୁଭେଚ୍ଛା ଜଣାଇବା ହିଁ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ହେଲେ ଆଉ କେହି କ୍ୟାଲେଣ୍ଡର୍ କି ଡାଏରୀ ଦେଉନାହାନ୍ତି ବରଂ ଶୁଭେଚ୍ଛା ମେସେଜ୍‌ଟେ ଫର୍‌ୱାର୍ଡ କରି ଦେଉଛନ୍ତି।

- ଅରବିନ୍ଦ ସାମଲ, ଅବସରପ୍ରାପ୍ତ ଶିକ୍ଷକ

ଶୁଭେଚ୍ଛା ସହିତ ଗୋଟେ ଡାଏରୀ ଆଉ କ୍ୟାଲେଣ୍ଡର୍ ନେଇ ଶୁଭେଚ୍ଛୁଙ୍କ ଘରେ ପହଞ୍ଚିବାର ଏକ ନିଆରା ଅନୁଭୂତି ଥିଲା। ସେହି ବାହାନାରେ ଗପସପରେ ସମୟ କଟୁଥିଲା। ହେଲେ ଏବେ ତ ଡିଜିଟାଲ୍ ଯୁଗ। ଏବେର ଯୁବପିଢ଼ିଙ୍କ ମଧ୍ୟରେ ସେସବୁ ଦେଖାଯାଉନି। ଏବେ ଫୋନ୍‌କଲ୍ ଆଉ ମେସେଜ୍‌ରେ ସବୁ ଚଳିଯାଉଛି।

- ଜାନକୀ ମିଶ୍ର, ଗୃହିଣୀ





# ତିନିଜଣଙ୍କୁ ମିଳିବ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ'

ଭୁବନେଶ୍ୱର,୩୧।୧୨(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆସନ୍ତା ୩ ତାରିଖରେ ଜୟଦେବ ଭବନରେ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଦକ୍ଷତା ପାଇଁ ସମାଜର ସମ୍ପାଦକ ପ୍ରମୋଦ ମହାପାତ୍ର ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ବିଜୟ କେତନ ପଟ୍ଟନାୟକଙ୍କୁ 'ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଏହାସହ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ରଚନା, ଚିତ୍ରାଙ୍କନ, କୁଇଜ୍ ଓ ଗଣଦୌଡ଼ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ ବୋଲି ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଓ ସମ୍ପାଦକ ଇଂ ବିଶ୍ୱମୋହନ ପଟ୍ଟନାୟକ ଜଣାଇଛନ୍ତି।

# ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତିଉତ୍ସବ ପାଳନ




ଭୁବନେଶ୍ୱର,୩୧।୧୨(ସମିସ): ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ରାଜଭବନ ଛକରେ ଥିବା ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଉପଦେଷ୍ଟା ପଦ୍ମଚରଣ ନାୟକ, ସୀତା ବଲ୍ଲଭ ମହାପାତ୍ର ଓ ପ୍ରବୀର ମହାନ୍ତି ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କୁ ଭାରତ ଗୌରବ କହିବା ଉଚିତ ହେବ ବୋଲି କହିଥିଲେ। ଏହି ସଭାରେ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀ ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ବିଚିତ୍ରାନନ୍ଦ ସାହୁ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

ନନ୍ଦନକାନନ, ୩୧।୧୨ (ସମିସ): ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ସଂଘର ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆନନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନୀଳାଦ୍ରି ବିହାର ସେକ୍ଟର ୧, ୨, ୩, ୪, ୫ ଓ ସିପି ପ୍ଲଟ୍, ଜିଏ ଏବଂ ଲୁମ୍ବିନୀ ବିହାରର ବରିଷ୍ଠ ନାଗରିକମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା, କଲୋନୀର ସମସ୍ତ ନାଗରିକଙ୍କୁ ସଂଘବଦ୍ଧ କରି ଏକତା ବୃଦ୍ଧି କରିବା, ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ଓ କଲୋନୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ସମ୍ପାଦକ ଯୋଗେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମୁକ୍ତେଶ୍ୱର ତ୍ରିପାଠୀ, ବିଷ୍ଣୁ ଚରଣ ବଳ, ଅଦ୍ୱୈତ ଶତପଥୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଙ୍ଗୀତ କଳାରୁ ସଂସାର ଚିନ୍ତା

# ଗୀତ ଗାଇ ପରିବାର ପୋଷୁଛନ୍ତି ଦୃଷ୍ଟିବାଧିତ କଳାକାର




**ଛକ ଛକରେ ଦୃଷ୍ଟିବାଧିତଙ୍କ ଭଜନ ଆସର**

ଭୁବନେଶ୍ୱର,୩୧।୧୨(ସମିସ):

ଜୀବନଟା ମୌଳିକ ସ୍ୱପ୍ନ କେତୋଟି ରାତ୍ରି ପାଇଁ , ପ୍ରବୃତ୍ତି ପାସେ ବନ୍ଧା ହୋଇଛି ଜନମ ଜନମ ପାଇଁ...। ଏପରି ଶୁଣିବାକୁ ମିଳୁଛି ବିଭିନ୍ନ ଛକ ଛକରେ। ଏହି ଭଜନ ଶୁଣି କ୍ଷଣିକ ପାଇଁ ଅଟକି ଯାଉଛନ୍ତି ଲୋକ। କିଛି ଦୃଷ୍ଟିବାଧିତ ଯୁବଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ଏପରି ଭଜନ ସମାରୋହ ନିକଟରେ ରସୁଲଗଡ଼, ପାତ୍ରପଡ଼ାର ଭଗବାନପୁର ଓ ଖଣ୍ଡଗିରି ପରି ଆଉ କିଛି ଛକରେ ମଧ୍ୟ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ମା' ତାରିଣୀ ଦୃଷ୍ଟିହୀନ ଭଜନ ସମାରୋହ, ଭରତପୁର ନାମରେ ଗଠିତ ଏହି ଗ୍ରୁପଟି ବିଭିନ୍ନ ଜାଗାକୁ ଯାଇ ଭଜମ ସମାରୋହ କରିବା ସହ ବିଭିନ୍ନ ଛକରେ ମଧ୍ୟ ଏହି ମଞ୍ଚ କାର୍ଯ୍ୟକ୍ରମ କରି ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି। ଶାରୀରିକ ଅକ୍ଷମତା କେବେ ମନୋବଳକୁ ଭାଙ୍ଗିପାରେନାର ପ୍ରେରଣା ଏହାରି ମାଧ୍ୟମରେ ସେ ଲୋକଙ୍କୁ ଦେଉଛନ୍ତି। ଷ୍ଟେଜରେ ଯେଉଁ ବ୍ୟାନର ଲଗାଯାଇଛି ସେଥିରେ ଏହି ଗ୍ରୁପର ନମ୍ବର ରହିଛି ଯାହା ମାଧ୍ୟମରେ ଲୋକ ନିଜ ନିଜ ଭଜନ ସମାରୋହରେ ଏମାନଙ୍କୁ ମଞ୍ଚରେ ଭଜନ ଗାଇବାକୁ ଡାକିପାରିବେ। ଅନେକ ଦୃଷ୍ଟିବାଧିତ ଯୁବକଙ୍କୁ ସ୍ୱବଲମ୍ବୀ କରିବା ଓ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏହି ଗ୍ରୁପଟି ଗଠନ କରାଯାଇଛି। ଯେଉଁ ପିଲାମାନଙ୍କର ଘର ପରିବାର ତଥା ନିଜ ଲୋକ କେହି ନାହାନ୍ତି ସେମାନଙ୍କୁ ନିଜ ସହ ସାମିଲ କରୁଛି ଏହି ଗୋଷ୍ଠୀ। ଅନେକ ପିଲା ପାଠ ପଢ଼ିବାର ସକ୍ଷମ ହୋଇପାରୁଛନ୍ତି। ତା ସହ କିଛି ପଇସା ରୋଜଗାର କରି ସ୍ୱାଭିମାନର ସହ ବଞ୍ଚୁଛନ୍ତି। ଏ ନେଇ ଗ୍ରୁପର ପ୍ରତିଷ୍ଠାତା ସଞ୍ଜୟ ପାତ୍ର କୁହନ୍ତି ନିଜ ହାତରେ ସେ ଏହି ଗ୍ରୁପ ଗଢ଼ିଥିଲେ ଯାହାର ଉଦ୍ଦେଶ୍ୟ ଥିଲା ଦୃଷ୍ଟି ବାଧିତ ପିଲାମାନଙ୍କୁ ସଂଗୀତ କଳା ଶିଖେଇ ବଞ୍ଚିବାର ରାହା ଦେଖାଇବେ। ଫଳରେ ସେମାନେ ଭଲ ରୋଜଗାର ବି କରିପାରିବେ। ସେଥିପାଇଁ ପିଲାମାନଙ୍କୁ ପରିଚୟ ଦେବାକୁ ସେ ପରିଶ୍ରମ ଜାରି ରଖିଛନ୍ତି। ଯେଉଁ ସ୍ଥାନକୁ ସେ ଭଜନ ସନ୍ଧ୍ୟା କରିବାକୁ ଯାଆନ୍ତି ସେଠାରେ ପ୍ରତି ମଞ୍ଚ କାର୍ଯ୍ୟକ୍ରମ ପିଛା ୭ ହଜାରରୁ ୮ ହଜାର ଆୟ କରନ୍ତି। କେବଳ ଯେ ଓଡ଼ିଶା ଭିତରେ ନୁହେଁ; ରାଜ୍ୟ ବାହାରକୁ ମଧ୍ୟ ଯାଉଛନ୍ତି। ୬/୭ ମାସ ହେବ ୪ ଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଗ୍ରୁପରରେ ଏବେ ସଂଖ୍ୟା ୨୫ ଜଣରେ ପହଞ୍ଚିଲାଣି। ସେମାନଙ୍କ ଦ୍ୱାରା ବିଭିନ୍ନ ହିନ୍ଦୀ, ଓଡ଼ିଆ ଓ ସମ୍ବଲପୁରୀ ଭଜନ ପରିବେଷଣ କରିଥାନ୍ତି। ଶାରୀରିକ ଅକ୍ଷମ ହେଲେ ମଧ୍ୟ ସମାଜରେ ସେମାନଙ୍କ ପରିଚୟ ସୃଷ୍ଟି କରିବାହିଁ ଏହି ଗ୍ରୁପର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

# ଅଚ୍ୟୁତ ସାମନ୍ତଙ୍କୁ 'ଓଡ଼ିଆ ଅସ୍ମିତା ସମ୍ମାନ'



ଭୁବନେଶ୍ୱର,୩୧।୧୨(ସମିସ): ଉତ୍କଳ ସମ୍ମିଳନୀର ୧୨୦ବର୍ଷ ପୂର୍ତ୍ତି ଅବସରରେ କଟକରେ ଆୟୋଜିତ ଓଡ଼ିଆ ଅସ୍ମିତା ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ "ଓଡିଆ ଅସ୍ମିତା ସମ୍ମାନ' ୨୦୨୩ ପ୍ରଦାନ କରାଯାଇଛି। ଶିକ୍ଷା, ଶିଳ୍ପ, ସମାଜ ସଂସ୍କାର, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିକାଶ ନେଇ ଅଚ୍ୟୁତ ସାମନ୍ତ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତା ସମ୍ମିଳନୀର ଆବାହକ ଦେବେନ୍ଦ୍ର ନାଥ ରାଉତ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଯୋଗ ଦେଇଥିଲେ।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୩୧।୧୨(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହରୁ ଯୁବକେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୧୫ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଇଜର୍‌ର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, ସଂସ୍କୃତି ମନ୍ତ୍ରଣାଳୟର ସହ ନିର୍ଦ୍ଦେଶକ ଡ. ତାପସ କୁମାର ସାମନ୍ତରାୟ, କଳିଙ୍ଗ ହସ୍ପିଟାଲ୍‌ର ସହ ନିର୍ଦ୍ଦେଶକ ଜ୍ଞାନେନ୍ଦୁ ମହାପାତ୍ର, କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଓ ଯୋଗ ବିଭାଗର ନିର୍ଦ୍ଦେଶକ ଜେନେରାଲ୍ ଡ. ଗଗନେନ୍ଦୁ ଦାଶ, ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧାର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ବୈଷ୍ଣବ ଚରଣ ସାମଲଙ୍କୁ ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ସାହିତ୍ୟ ସମ୍ମାନ

ଭୁବନେଶ୍ୱର,୩୧।୧୨(ସମିସ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମା' ଭଗବତୀ ବିକାଶ ପରିଷଦର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଚ୍ଚନ୍ୟାୟାଳୟର ପ୍ରାକ୍ତନ ବିଚାରପତି ନ୍ୟାୟମୂର୍ତ୍ତି ଡ ଦୁର୍ଗା ପ୍ରସନ୍ନ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚିଲିକାର ବାଣପୁର କିପରି କଳା ସ୍ଥାପତ୍ୟ, ସଂସ୍କୃତି ତଥା ସାହିତ୍ୟର ଗନ୍ତାଘର ତାହା ବର୍ଣ୍ଣନା କରିଥିଲେ। ଏହା ସହିତ ବିଶିଷ୍ଟ ଅତିଥିଭାବେ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସାଂସଦ ତଥା ସଦସ୍ୟ ରାଜ୍ୟ ଯୋଜନା ବୋର୍ଡ ଡ. ପ୍ରସନ୍ନ କୁମାର ପାଟଶାଣୀ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ, ସମାଲୋଚକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲଙ୍କୁ ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ ସହ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ଅତିଥିମାନଙ୍କ ଦ୍ୱାରା ସଭାରେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ନିରୋଜ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ବର୍ଷବ୍ୟାପୀ ପାଳିତ ହେବ ରମାଦେବୀଙ୍କର ୧୨୫ତମ ଜୟନ୍ତୀ

# ଗାନ୍ଧିବାଦୀ ଗଣସଂଗଠନ ସମୂହଙ୍କ ପକ୍ଷରୁ ଲୋଗୋ ଉନ୍ମୋଚିତ



ଭୁବନେଶ୍ୱର,୩୧।୧୨(ସମିସ): ରମାଦେବୀଙ୍କର ୧୨୫ତମ ଜୟନ୍ତୀ ବର୍ଷ ଉପଲକ୍ଷେ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ଉତ୍କଳ ସର୍ବୋଦୟ ମଣ୍ଡଳ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ବାଜି ରାଉତ ଛାତ୍ରାବାସ, ଲୋହିଆ ଏକାଡେମୀ, ହିନ୍ଦ ସ୍ୱରାଜ ଅଭିଯାନ ଟ୍ରଷ୍ଟ, ମନମୋହନ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ବନବାସୀ ସେବା ସମିତି, ଗାନ୍ଧୀ ଓଡିଶା ବାଳାଶ୍ରମ, ଠକ୍କର ବାପା ଟ୍ରଷ୍ଟ, ଉନ୍ନତ ଦେଶ ଓ ଦୁନିଆ ପାଇଁ ମହିଳାମାନେ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଂଗଠନମାନେ ଓଡିଶା ତଥା ଦେଶରେ 'ରମାଦେବୀ ୧୨୫' ପାଳନ କରିବା ନିମନ୍ତେ ସମିତି ଗଠନ କରିଛନ୍ତି। ରାଷ୍ଟ୍ରୀୟସ୍ତରରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ସଭାପତି ରାମଚନ୍ଦ୍ର ରାହୀଙ୍କ ସଭାପତିତ୍ୱରେ ସର୍ବଶ୍ରୀ ତାରା ଗାନ୍ଧୀ ଭଟ୍ଟାଚାର୍ଯ୍ୟ, କୁମାର ପ୍ରଶାନ୍ତ, ମେଧା ପାଟକର, ଏ ଆନ୍ନାମଲାଇ, ଚନ୍ଦନ ପାଲ, ଡ. ସୁଜାତା ଚୌଧୁରୀ, ପ୍ରେରଣା ଦେଶାଇ, ଦୀପ୍ତି ବରୁଆ, ଆଶା ବୋଥ୍ରା ଆଦିଙ୍କୁ ନେଇ ଏକ ରାଷ୍ଟ୍ରୀୟ ସମିତି ଗଠନ କରାହୋଇଛି। ଦିଲ୍ଲୀ ସମେତ ଦେଶର ପ୍ରତି ରାଜ୍ୟରେ 'ରମାଦେବୀ ୧୨୫' ପାଳନ କରାଯିବା ସ୍ଥିର ହୋଇଛି। ସେହିଭଳି ରାଜ୍ୟସ୍ତରରେ ସଭାନେତ୍ରୀ ରୂପରେ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କାର୍ଯ୍ୟକାରୀ ସଭାନେତ୍ରୀ ଗାୟତ୍ରୀ ଦାସ, ଉପସଭାପତି ଭାବରେ ନମିତା ପଣ୍ଡା ଓ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ମଣ୍ଡଳୀରେ ଆନନ୍ଦିକା ସାମନ୍ତରାୟ, ମିହିର ପ୍ରତାପ ଦାସ, ଡାକ୍ତର ବିଶ୍ୱଜିତ ଓ ମାନସ ପଟ୍ଟନାୟକ, କାର୍ଯ୍ୟକାରୀ ସମିତିରେ ପ୍ରଫେସର ସୀତା ସାହୁ, ବିରଜା ଦେବୀ, ଦେବ ପ୍ରସାଦ ରାୟ, ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, ଡ. ଝରଣା ପଟ୍ଟନାୟକ, ପ୍ରମିଳା ସ୍ୱାଇଁ, ଗୌରାଙ୍ଗ ମହାପାତ୍ର, ଡ. ସୁମିତ୍ରା ପଟେଲ, ଡ. ବିଦ୍ୟୁତପ୍ରଭା ମହାନ୍ତି, ଡ. ବାସନ୍ତୀ ମଞ୍ଜରୀ ମହାନ୍ତି, ଚିରଶ୍ରୀ ଇନ୍ଦ୍ରସିଂ, ଅର୍ଚ୍ଚନା ପାତ୍ର, ଗାର୍ଗୀ ଶତପଥୀ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ପ୍ରତିମା ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ, ଡ. ଝାନ୍ସୀ ସିଂହ, ରାଜେଶ୍ୱରୀ ଦଳାଇ, ରାଜରାଣୀ ମହାନ୍ତି, ଲିପିକା ମହାପାତ୍ର, କାମିନୀ ନାୟକ, ନିରୂପମା ପାଣି, ବିରୁପାକ୍ଷ ତ୍ରିପାଠୀ, ଜୟନ୍ତ କୁମାର ଦାସ, ରବୀନ୍ଦ୍ର କୁମାର ପଣ୍ଡା, ଅଶୋକ କୁମାର ଦାସ, ଅନ୍ତର୍ଯ୍ୟାମୀ ବରାଳ, ସୂର୍ଯ୍ୟ ନାରାୟଣ ନାଥ, ଆଦ୍ୟଶ୍ଳୋକ ମିଶ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ଅବସରରେ ଲୋହିଆ ଏକାଡେମୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏକ ଲୋକ ଉନ୍ମୋଚିତ ହୋଇଛି।

# ବଢୁଛି ମିଲେଟ୍ କେକ୍, ଚକୋଲେଟ୍‌ର ଚାହିଦା



ଭୁବନେଶ୍ୱର,୩୧।୧୨(ସମିସ):

ନୂଆବର୍ଷରେ ପରିବାର ଅବା ବନ୍ଧୁ ପରିଜନଙ୍କ ଘରକୁ ଅନେକ ମିଠା ଦେଇ ଶୁଭେଚ୍ଛା ଜଣାଉଥିବା ବେଳେ କେହି କେହି ଛୋଟପିଲାଙ୍କୁ ଚକୋଲେଟ୍ ଦେଇ ଶୁଭେଚ୍ଛା ଜଣାଇଥାନ୍ତି। ଚଳିତବର୍ଷ ମଧ୍ୟ ସମାନ ଭାବେ ସମସ୍ତେ ନୂଆବର୍ଷ ପାଳନ କରିବାର ଯୋଜନା ରହିଛି। କିନ୍ତୁ, ଏଥର ଘରେ ଘରେ ମିଲେଟ୍ସରୁ ପ୍ରସ୍ତୁତ ଚକୋଲେଟ୍, କେକ୍ ଓ ପିଠାପଣାରେ ପାଳନ ହେବ ନୂଆବର୍ଷ। ଏଥିପାଇଁ ବିଭିନ୍ନ ବେକେରୀ ସପ୍‌ରେ ଦେଖିବାକୁ ମିଳିଛି ମିଲେଟସ୍‌ରୁ ପ୍ରସ୍ତୁତ ଆକର୍ଷଣୀୟ ଚକଲେଟ୍ ସାଙ୍ଗକୁ ମିଲେଟ୍‌ରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟକୁ ନେଇ ଗିଫ୍ଟ ପ୍ୟାକ୍। ଯେଉଁଥିରେ ରହିଛି ବିସ୍କୁଟ, ଚକୋ୍ଲେଟ୍, ସ୍ନାକ୍ସ ଓ ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ଲେଖା ରହିଥିବା କାର୍ଡ। ଯାହାକୁ କିଣିବାକୁ କେବଳ ଯୁବଗୋଷ୍ଠୀ ନୁହନ୍ତି, ବରଂ ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟରୁ ଆସୁଛି ଲମ୍ବା ଅର୍ଡର।

ରାଜଧାନୀରେ ରହିଥିବା ବିଭିନ୍ନ ସପ୍ ଏବଂ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ମିଲେଟ୍ ଫୁଡ୍ ପ୍ରତି ଦିନକୁ ଦିନ ଚାହିଦା ବଢୁଥିବା ଦେଖିବାକୁ ମିଳିଛି। ସେହିକ୍ରମରେ ଜନ୍ମଦିନ ହେଉ ଅବା କୌଣସି ଅତିଥି ଚର୍ଚ୍ଚା ପାଇଁ ପାଇଁ ମିଲେଟ୍ ସ୍ନାକ୍ସ ଓ ଚକୋଲେଟ୍ ବ୍ୟବହାର ହେଲାଣି। ଏଥିପାଇଁ ପୂର୍ବରୁ ମଧ୍ୟ ବରାଦ ଦିଆସରିଛି। ନୂଆବର୍ଷ ପାଇଁ ବି ପ୍ରସ୍ତୁତ ହୋଇଛି ମିଲେଟସ୍ କେକ୍। କପ୍ କେକ୍ ଠାରୁ ଆରମ୍ଭ କରି ଆଇସିଂ କେକ୍, ମୁସ୍ କେକ୍ ଆଦି ମିଲେଟ୍‌ରେ ତିଆରି ହୋଇଛି। ଏହା ଆଖିକୁ ଯେତିକି ଆକର୍ଷଣୀୟ ଦିଶୁଛି ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ହିତକର। ମିଲେଟ୍ସରେ ପ୍ରଚୁର ପୁଷ୍ଟିତତ୍ତ୍ୱ ରହିଛି। ପ୍ରଚୁର ପରିମାଣରେ ପୋଷକ, ଅତି ଜରୁରୀ ଫ୍ୟାଟି ଏସିଡ୍, ଡାଏଟାରୀ ଫାଇବର୍, ଭିଟାମିନ୍-ବି ଥିବାବେଳେ ଏହ। କ୍ୟାଲସିୟମ୍, ଆଇରନ୍, ଜିଙ୍କ୍, ପୋଟାସିୟମ ଓ ମ୍ୟାଗ୍ନେସିୟମ୍ ଆଦି ମିନେରାଲ୍ସ ବି ରହିଛି। ଯାହା ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଏବଂ ରୋଗୀଙ୍କ ପାଇଁ ନିହାତି ଜରୁରୀ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବି ଡାଏଟ୍‌ରେ ମିଲେଟସ୍‌କୁ ସାମିଲ କରିବାକୁ ପରାମର୍ଶ ଦେଉଛନ୍ତି। ସବୁଠାରୁ ବଡ଼କଥା ହେଉଛି ଏଥିରେ ବିଟା-କ୍ୟାରୋଟିନ୍ ରହିଛି। ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ମିଲେଟ୍ସରେ ଦ୍ରବଣୀୟ ଫାଇବର ରହିଥିବାରୁ ଏହା କୋଲେଷ୍ଟ୍ରୋଲ ହ୍ରାସ କରିଥାଏ ଏବଂ ହୃଦ୍‌ରୋଗ ଆଶଙ୍କାରୁ ଦୂରେଇ ରଖେ। ଏଥିରେ ଥିବା ମ୍ୟାଗ୍ନେସିୟମ୍ ହାର୍ଟକୁ ଶକ୍ତିଶାଳୀ ରଖିଥାଏ। ତେଣୁ ବର୍ତ୍ତମାନ କେକ୍, ଚକୋଲେଟ୍, ସ୍ନାକ୍ସ ମାଧ୍ୟମରେ ଘରେ ଘରେ ପ୍ରତିଟି ସଦସ୍ୟଙ୍କ ପାଖରେ ମିଲେଟସ୍ ପହଞ୍ଚାଇବାର ଏହା ଏକ ପ୍ରୟାସ ବୋଲି ଆଇଆର୍‌ସି ଭିଲେଜସ୍ଥିତ ସାନ୍ତା ବଳିଆୟାରସିଂହ ଓ ରୀତା ବଳିୟାରସିଂହ କହିଛନ୍ତି। ଉଭୟ ମିଶି ପ୍ରାୟ ୧୫ରୁ ଉର୍ଦ୍ଧ୍ୱର୍ ମିଲେଟ୍‌ର ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ମିଲେଟସ୍ ଫୁଡ୍ ବ୍ୟବସାୟ କରି କେବଳ ସେ ସ୍ୱାବଲମ୍ବୀ ହୋଇନାହାନ୍ତି ବରଂ ଅନେକ ମହିଳାଙ୍କୁ ରୋଜଗାରକ୍ଷମ କରାଇପାରିଛନ୍ତି।




■ ୨୦ ଫୁଟ୍ କାନ୍‌ଭାସରେ ନୂଆବର୍ଷକୁ ସ୍ୱାଗତ

# ଶିଳ୍ପୀ ଆଙ୍କିଲେ ଆଗାମୀ ବର୍ଷ ପାଇଁ ବିକାଶର ଚିତ୍ର

ଭୁବନେଶ୍ୱର, ୩୧।୧୨(ସମିସ): ଓଡ଼ିଶାର କଳା ଓ ସଂସ୍କୃତି ମହାନ୍। ଆମ ସଂସ୍କୃତିକୁ ମନେ ରଖିବାକୁ ଶାନ୍ତିସ୍ତୂପ ଧଉଳିଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିଳ୍ପୀମାନେ ପୁରୁଣା ବର୍ଷ ୨୦୨୩କୁ ବିଦାୟ ଦେବା ସହିତ ନୂଆବର୍ଷ ୨୦୨୪ର ଆଗମନକୁ ନିଆରା ଭାବେ ସ୍ୱାଗତ କରିଛନ୍ତି। ଶିଳ୍ପୀମାନେ ୨୦ ର ୮ ଫୁଟ ଲମ୍ବରେ ନୂଆ ବର୍ଷକୁ ସ୍ୱାଗତ କରି ଅଙ୍କିଛନ୍ତି ଓଡ଼ିଶାର କଳା, ସଂସ୍କୃତି ଓ ବିକାଶର ଏକ ବୃହତ୍ ଚିତ୍ର। ପ୍ରାରମ୍ଭରେ ଏହି ଚିତ୍ର ଶିବିରକୁ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ , ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ଜ୍ଞାନେଶ ମିଶ୍ର ଏବଂ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ , ଅଧ୍ୟାପକ ସୁଭାଷଚନ୍ଦ୍ର ମୁଦୁଲି, ମାନସ ରଞ୍ଜନ ନାୟକ ଓ ଲକ୍ଷ୍ମୀଧର ସ୍ୱାଇଁ ଉପସ୍ଥିତ ରହି ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଚିତ୍ରରେ ଛାତ୍ରଛାତ୍ରୀମାନେ ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟ ସହିତ କଳା ଓ ସଂସ୍କୃତିର ଉପସ୍ଥାପନ, ଜଗନ୍ନାଥ ଓ ଶ୍ରୀମନ୍ଦିର, ଗ୍ରାମୀଣ ଜୀବନର ଚିତ୍ର ସହିତ ନୂଆବର୍ଷରେ ଆଗାମୀ ଦିନରେ ବିକାଶର ଚିତ୍ର ଅଙ୍କନ କରିଥିଲେ। ଶିବିରରେ ୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



## ଦେଶ-ବିଦେଶ

## ରୁଷ୍ ଉପରେ କ୍ଲଷ୍ଟର ବୋମା ମାଡ଼କଲା ୟୁକ୍ରେନ; ୨୧ ମୃତ

**କିଭ୍, ୩୧।୧୨ (ଏଜେନ୍ସି):** ରୁଷ୍ର ବେଲଗୋରୋଦ ସହର ଉପରେ ୟୁକ୍ରେନ ଶନିବାର ଜୋରଦାର ଆକ୍ରମଣ କରିଛି। ଏଥିରେ ୩ ଶିଶୁଙ୍କ ସମେତ ୨୧ ଜଣ ପ୍ରାଣ ହରାଇଛନ୍ତି। ୧୧୧ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ସହରେ ୟୁକ୍ରେନ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼ କରିଥିଲା ବୋଲି ରୁଷ୍ ପକ୍ଷରୁ ଦାବି କରାଯାଇଛି। ବେଲଗୋରୋଦ ସହର ୟୁକ୍ରେନ ସୀମାରୁ ମାତ୍ର ୩୦ କିମି ଦୂରରେ ରହିଛି। ଏହା ଖାରକିଭ, ଲୁହାଂସ୍କ ଏବଂ ସୁମି ଅଞ୍ଚଳକୁ ଲାଗିଛି। ଏହା ପୂର୍ବରୁ ରୁଷ୍ ଶୁକ୍ରବାର ୟୁକ୍ରେନ ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ କରିଥିଲା। ଏଥିରେ ୨୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ୟୁକ୍ରେନ ଏହି ଆକ୍ରମଣ କରିଥିଲା।

**■ ଲୋହିତ ସାଗରରେ ଆମେରିକା ନୌସେନାର କାର୍ଯ୍ୟାନୁଷ୍ଠାନ**

## ହୁତି ବିଦ୍ରୋହୀଙ୍କ ୩ ବୋଟ୍ ଧ୍ୱଂସ

**ୱାଶିଂଟନ, ୩୧।୧୨ (ଏଜେନ୍ସି):** ଲୋହିତ ସାଗରରେ ଆତଙ୍କ ସୃଷ୍ଟି କରିଥିବା ୟେମେନର ହୁତି ବିଦ୍ରୋହୀଙ୍କୁ ରବିବାର ବଡ଼ ଝଟ୍କା ଲାଗିଛି। ଏକ କାର୍ଗୋ ଜାହାଜକୁ ଅପହରଣ ଉଦ୍ୟମ କରୁଥିବା ସମୟରେ ଆମେରିକା ନୌସେନା ବିଦ୍ରୋହୀଙ୍କ ଉପରେ ବୋମା ମାଡ଼ କରିଛି। ମାତ୍ର ୩୪ ମିନିଟ ମଧ୍ୟରେ ତିନୋଟି ବୋଟ୍କୁ ଧ୍ୱଂସ କରିଦିଆଯାଇଛି। ଏହା ସମୁଦ୍ରର ଅତଳ ଗର୍ଭରେ ବୁଡ଼ି ଯାଇଛି। ଏହି ବୋଟ୍ରେ କେତେ ଜଣ ଥିଲେ ତାହା ଜଣାପଡ଼ି ନାହିଁ। ଲୋହିତ ସାଗରରେ ମୁତୟନ ହେବା ପରଠାରୁ ଏହା ଆମେରିକା ନୌସେନାର ସବୁଠାରୁ ବଡ଼ ଅଭିଯାନ ଥିଲା। ରିପୋର୍ଟ ଅନୁଯାୟୀ ହୁତି ବିଦ୍ରୋହୀ ଡେନ୍ମାର୍କର ଏକ ଜାହାଜକୁ ହାଇଜ୍ୟାକ କରୁଥିବା ନେଇ ସକାଳେ ନୌସେନାକୁ ସୂଚନା ମିଳିଥିଲା। ଏହା ପରେ ଲୋହିତ ସାଗରରେ ମୁତୟନ ଥିବା ଯୁଦ୍ଧ ଜାହାଜ ଆନଜନହାଭରକୁ ସତର୍କ କରାଯାଇଥିଲା। କିଛି ସମୟ ମଧ୍ୟରେ ଏହି ଜାହାଜରେ ଥିବା ହେଲିକପ୍ଟର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ବିଦ୍ରୋହୀ ୪ଟି ବୋଟ୍ରେ ଆସିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଆଉ ଗୋଟିଏ ବୋଟ୍ର ସୂଚନା ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ ଗତ ୩୦ ଦିନ ମଧ୍ୟରେ ହୁତି ବିଦ୍ରୋହୀ ୨୦ ଜାହାଜ ଉପରେ ଆକ୍ରମଣ କଲେଣି।

**■ ପ୍ରଧାନମନ୍ତ୍ରୀଙ୍କ ୧୦୮ ତମ 'ମନ୍ କୀ ବାତ୍'**

## ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତୁ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ୧୦୮ ତମ 'ମନ୍ କୀ ବାତ୍' ରେ ଦେଶକୁ ସମ୍ବୋଧନ କରିଛନ୍ତି। ସେ ମୁଖ୍ୟତଃ ଫିଟ୍ ଇଣ୍ଡିଆ ଅଭିଯାନ ଉପରେ ଚର୍ଚ୍ଚା କରିଛନ୍ତି। ପ୍ରଧାନମନ୍ତ୍ରୀ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ, ଅଭିନେତା ଅକ୍ଷୟ କୁମାର ଏବଂ କ୍ରିକେଟର ହରମନପ୍ରିତ କୌରଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ମନ୍ତ୍ର ଶୁଣାଇଛନ୍ତି। ଅଭିନେତାଙ୍କ ଭଳି ବଡ଼ି ନ ବନାଇବାକୁ ଅକ୍ଷୟ କୁମାର କହିଛନ୍ତି। ସେହିପରି ୪-୫ ଘଣ୍ଟା ବଦଳରେ ୭ ଘଣ୍ଟା ଶୋଇବାକୁ ଆନନ୍ଦ ପରାମର୍ଶ ଦେଇଥଇଲେ। ମୋଦୀ ୧୦୮ ତମ ଅଧ୍ୟାୟରେ ୧୦୮ ର ମହତ୍ତ୍ୱ ବିଷୟରେ ମଧ୍ୟ ଚର୍ଚ୍ଚା କରିଛନ୍ତି। ସେ କହିଛନ୍ତି ଯେ ଭାରତରେ ୧୦୮ ର ଅନେକ ମହତ୍ତ୍ୱ ରହିଛି। ଏହା ଗଭୀର ଅଧ୍ୟୟନର ବିଷୟ। ୧୦୮ ଥର ମନ୍ତ୍ର ଜପ କରଯାଏ। ମନ୍ଦିରରେ ୧୦୮ ପାହାଚ ରହିଥାଏ। ଏଥିପାଇଁ ଏହି ଅଧ୍ୟାୟ ସ୍ୱତନ୍ତ୍ର ହୋଇଯାଇଛି। ଏହା ପରେ ଫିଟ୍ ଇଣ୍ଡିଆ, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ, ପୋଷଣ ଏବଂ ଭାରତର ଉପଲବ୍ଧିକୁ ନେଇ ଆଲୋଚନା କରିଥିଲେ। ଶେଷରେ ଭଗବାନ ଶ୍ରୀରାମଙ୍କ ଭଜନକୁ ସାମାଜିକ ଗଣମାଧ୍ୟମରେ ସେୟାର କରିବାକୁ ନିବେଦନ କରିଥିଲେ। ହାସଟ୍ୟାଗ ଶ୍ରୀରାମ ଭଜନ ସହିତ ଲୋକ ନିଜ ରଚନା ସେୟାର କରନ୍ତୁ ବୋଲି କହିଥିଲେ। ଏହା ଦ୍ୱାରା ସମସ୍ତେ ରାମମୟ ହୋଇଯିବେ। ମୋଦୀ କହିଛନ୍ତି ଯେ ଭାରତ ପ୍ରୟାସରେ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯାଇଥିଲା। ଏହି କ୍ଷେତ୍ରରେ କାମ କରୁଥିବା ଷ୍ଟାର୍ଟଅପ୍ଙ୍କୁ ଅନେକ ସୁଯୋଗ ମିଳିଛି। ମାନସିକ ସ୍ୱାସ୍ଥ୍ୟକୁ ନେଇ ଆଗ୍ରହ ବଢୁଛି। ଏହି କ୍ଷେତ୍ର ସହ ଜଡ଼ିତ ପ୍ରଶିକ୍ଷକଙ୍କ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଏବେ ମାନସିକ ସ୍ୱାସ୍ଥ୍ୟ ଉପରେ ଚର୍ଚ୍ଚା ହେବା ଉଚିତ। ୨୦୧୯ ଅଗଷ୍ଟ ୨୯ରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଦିନକୁ ଖେଳ ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଦେଶର ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡର ଏକ ଆଦିବାସୀ ଗ୍ରାମ ମଙ୍ଗଲୋ ବିଷୟରେ ଆଲୋଚନା କରିଥିଲେ। ଏହି ଗ୍ରାମରେ କୁଡୁଖ ଭାଷାରେ ଶିକ୍ଷା ଦିଆଯାଉଥିବା କହିଥିଲେ। ଏହି ଲିପିକୁ ବିଲୁପ୍ତ ହେବାରୁ ସୁରକ୍ଷା ଦେବା ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି କହିଥିଲେ।

## ରାମଲଲାଙ୍କ ମୂର୍ତ୍ତି ଚୟନ ଶେଷ

**ଅଯୋଧ୍ୟା,୩୧।୧୨(ଏଜେନ୍ସି):** ଅଯୋଧ୍ୟା ରାମ ମନ୍ଦିରର ଗର୍ଭଗୃହରେ ପ୍ରାଣ ପ୍ରତିଷ୍ଠା ହେବାକୁ ଥିବା ପ୍ରଭୁ ରାମଲଲାଙ୍କ ମୂର୍ତ୍ତିର ଚୟନ ରବିବାର ଶେଷ ହୋଇଛି। ଗତ ଶୁକ୍ରବାର ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ବୈଠକ ବସିଥିଲା। ଏହି ସମୟରେ ସମସ୍ତ ସଦସ୍ୟ ଯାଇ ରାମଲଲାଙ୍କ ୩ ମୂର୍ତ୍ତିର ଦର୍ଶନ କରିଥିଲେ। ପରେ ନିଜ ରାୟ ଲେଖି ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଦେଇଥିଲେ। ଗର୍ଭଗୃହରେ ରାମଲଲାଙ୍କ ୫୧ ଇଞ୍ଚର ମୂର୍ତ୍ତି ପ୍ରତିଷ୍ଠା ହେବ ବୋଲି ଚମ୍ପତ ରାୟ କହିଛନ୍ତି। ରାମଲଲା ୮ ଫୁଟର ପଦ୍ମ ଫୁଲ ଉପରେ ବିରାଜମାନ କରିବେ। ସୂଚନା ଅନୁଯାୟୀ ନୀଳ ପଥରରେ ରାମଲଲାଙ୍କ ମୂର୍ତ୍ତି ପ୍ରସ୍ତୁତ କରାଯାଇଛି। ମୂର୍ତ୍ତିକାର ଅରୁଣ ଯୋଗୀରାଜ (୩୭) ନିର୍ମାଣ କରିଥିବା ପ୍ରତିମାକୁ ଚୟନ କରାଯାଇଛି। ଅନ୍ୟପକ୍ଷରେ ରାମ ମନ୍ଦିର ଉଦ୍ଘାଟନ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ନେଇ ବଡ଼ଧରଣର ଠକେଇ ଚାଲିଥିବା ଜଣାପଡିଛି। କିଛି ଲୋକ ଜାଲ୍ ଆକାଉଣ୍ଟ ବନାଇ ଏବଂ କ୍ୟୁଆର କୋଡ୍ ମାଧ୍ୟମରେ ଟଙ୍କା ମାଗୁଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏ ନେଇ ଉତ୍ତରପ୍ରଦେଶ ଏବଂ ଦିଲ୍ଲୀରେ ଏତଲା ରୁଜୁ କରାଯାଇଛି।

**■ ରେଭ ପାର୍ଟିରେ ଚଢ଼ଉ**

## ୧୦୦ ଯୁବକଯୁବତୀ ଗିରଫ

**ମୁମ୍ବଇ, ୩୧।୧୨ (ଏଜେନ୍ସି):** ନୂଆ ବର୍ଷର ଦିନକ ପୂର୍ବରୁ ମହାରାଷ୍ଟ୍ର ଥାନେର ଏକ ରେଭ୍ ପାର୍ଟି ଉପରେ ପୁଲିସ ଚଢ଼ଉ କରିଛି। ଏହି ପାର୍ଟିରୁ ୧୦୦ରୁ ଅଧିକ ଯୁବକଯୁବତୀଙ୍କୁ ଗିରଫ କରାଯାଇଛି। ଏମାନେ ସମସ୍ତେ ନିଶାସକ୍ତ ଅବସ୍ଥାରେ ଥିଲେ। ସମସ୍ତଙ୍କର ମେଡିକାଲ ପରୀକ୍ଷା କରାଯାଉଛି। ଏଠାରୁ ବିପୁଳ ପରିମାଣର ଡ୍ରଗ୍ସ ମଧ୍ୟ ମିଳିଛି। ଏକ ଘରୋଇ ଫ୍ଲାଟରେ ଏହି ପାର୍ଟି ଚାଲିଥିଲା।

## ଲୁଲୁଙ୍ଗରେ ଖସିପଡ଼ି ଯୁବକଙ୍କ ମୃତ୍ୟୁ

**ବାରିପଦା, ୩୧।୧୨(ସମିସ):** ଶିମିଳିପାଳର ପ୍ରବେଶପଥ ଲୁଲୁଙ୍ଗକୁ ବଣଭୋଜି ପାଇଁ ଆସିଥିବାବେଳେ ରବିବାର ଅପରାହ୍ନରେ ଜଣେ ଯୁବ ପର୍ଯ୍ୟଟକ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ଲୁଲୁଙ୍ଗର ପଳପଳା ଝରଣା ପାଣିରେ ଖସିପଡ଼ିବାରୁ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ସାଙ୍ଗମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ସ୍ଥାନୀୟ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣଙ୍କ ବାଲେଶ୍ୱର ଆଇଟିଆର କଲୋନୀ ଅଞ୍ଚଳର ରିଙ୍କୁ ଓରଫ ବିଶ୍ୱସୁନ୍ଦର ଜେନା (୨୯)। ତାଙ୍କ ବାପା ରମେଶ ଚନ୍ଦ୍ର ଜେନା ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ। ବିଶ୍ୱସୁନ୍ଦର ରବିବାର ତାଙ୍କର ୧୧ ଜଣ ସାଙ୍ଗମାନଙ୍କ ସହିତ ମିଶି ଲୁଲୁଙ୍ଗକୁ ବଣଭୋଜି ପାଇଁ ଆସିଥିଲେ। ଖାଇବା ପୂର୍ବରୁ ଝରଣାକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ଖସି ବୁଡି ଯାଇଥିଲେ। ଖବର ପାଇ ବାରିପଦା ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣଙ୍କ ବିଟେକ ଇଞ୍ଜିନିୟର। ଜାନୁଆରୀ ମାସରେ ରେଳବାଇରେ ଚାକିରି କରିଥାନ୍ତେ।



## ପିକ୍ନିକ୍ ପାଇଁ ଯାଉଥିଲେ ; ଟ୍ରକ୍ ଚାପାରେ ଗଲା ଦୁଇ ଜୀବନ

**ବରଗଡ଼, ୩୧।୧୨(ସମିସ):** ସାଙ୍ଗ ସାଥି ତଥା ପରିବାର ସହିତ ପିକନିକ କରିବାକୁ ଯାଉଥିବା ବେଳେ ରବିବାର ସକାଳେ ବାଇକରେ ଯାଇଥିବା ଦୁଇ ଜଣ ଯୁବକଙ୍କ ଟ୍ରକ ଚାପାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ବରଗଡ଼ ହାଟପଦା ୱାର୍ଡ ନମ୍ବର ୩ ଅଞ୍ଚଳର ବିଶ୍ୱନାଥ ସାହୁ (୪୦) ଏବଂ ଅର୍ଜୁନ ରାଉତ (୪୭) ବୋଲି ଜଣାପଡ଼ିଛି। ବର୍ଷର ଶେଷ ଦିନରେ ବିଶ୍ୱନାଥ ଏବଂ ଅର୍ଜୁନ ନିଜ ପରିବାର ସଦସ୍ୟଙ୍କୁ ଗୋଟିଏ ବୋଲେରୋ ଗାଡିରେ ହୀରାକୁଦକୁ ପିକନିକ ପାଇଁ ପଠାଇବା ସହ ନିଜେ ଏକ ବାଇକରେ ସେଠାକୁ ଯାଉଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ମୃତ ଅର୍ଜୁନ ଏବଂ ବିଶ୍ୱନାଥ ଏକ ବାଇକରେ ହୀରାକୁଦ ଯାଉଥିବା ବେଳେ ସକାଳ ପ୍ରାୟ ୬ ଟା ସମୟରେ ନାଗେନପାଲି ଏଫସିଆଇ ଗୋଦାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା।

ଏ ନେଇ ଗ୍ରାମାଞ୍ଚଳ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।






















